# ଜିଲ୍ଲାସ୍ତରୀୟ ଜାତୀୟ ପଂଚାୟତିରାଜ ଦିବସ ୨୦୨୬ ପାଳିତ

ବାଲେଶ୍ୱର(ନି.ପ୍ର.) ଆଜି ସନ୍ଧ୍ୟା ୫.୩୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଗ୍ରାମ ପଂଚାୟତ ବିଭାଗ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ଜାତୀୟ ପଂଚାୟତିରାଜ ଦିବସ ୨୦୨୬ ପାଳିତ ହୋଇଛି । ଏଠାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇଥିଲେ । ତାଙ୍କ ସହିତ ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ, ମାନ୍ୟବର ସଭାପତି, ବାଲେଶ୍ୱର ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ମାନ୍ୟବର ଅଧ୍ୟକ୍ଷା, ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ସାହୁ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା



ସାମନ୍ତରାୟ, ନୀଳଗିରି ଉପ ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ସଦର ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ସୁନୀତା ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦର, ଶ୍ରୀଯୁକ୍ତ ଉତମ କୁମାର ଜେନା, ଓଡ଼ିଶା ସରକଙ୍କ ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ରେମୁଣା ବିଧାୟକଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଲମ୍ବଧର ପ୍ରଧାନ ପ୍ରମୁଖ ମଂଚାସୀନ ଥିଲେ । ଜାତୀୟ ପଂଚାୟତିରାଜ ଦିବସ ବିଷୟରେ ଅତିଥି ମାନେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ ।

ପ୍ରତିବର୍ଷ ଏପ୍ରିଲ ୨୪ ତାରିଖରେ ଏହି ଦିବସ ପାଳନ କରାଯାଏ । ୧୯୯୩ ମସିହାରେ ୭୩ତମ ସଂବିଧାନ ସଂଶୋଧନ ମାଧ୍ୟମରେ ପଂଚାୟତି ରାଜ ବ୍ୟବସ୍ଥାକୁ ଆଇନଗତ ମାନ୍ୟତା ଦିଆଯାଇଥିଲା, ଯାହା ଗ୍ରାମ ସ୍ତରରେ ଲୋକତନ୍ତ୍ରକୁ ଶକ୍ତିଶାଳୀ କରିଛି । ପଂଚାୟତି ରାଜ ବ୍ୟବସ୍ଥା ଆମ ଦେଶର ଗ୍ରାମ ଉନ୍ନତିର ମୂଳ ଭିତି । ଏହା ମାଧ୍ୟମରେ ଲୋକମାନେ ସିଧାସଳଖ ଶାସନରେ ଅଂଶଗ୍ରହଣ କରିପାରନ୍ତି । ଗ୍ରାମ ପଂଚାୟତ, ପଂଚାୟତ ସମିତି ଓ ଜିଲ୍ଲା ପରିଷଦ — ଏହି ତିନିଟି ସ୍ତର ମାଧ୍ୟମରେ ଗ୍ରାମ ଉନ୍ନତି କାର୍ଯ୍ୟ ସମ୍ପନ୍ନ ହୁଏ । ଏହି କାର୍ଯ୍ୟ କ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରୁ ଅନେକ ସଂଖ୍ୟାରେ ସୁଭଦ୍ରା ମା ମାନେ, ପଂଚାୟତ ସ୍ତରର ଲୋକ ପ୍ରତିନିଧି ମାନେ, ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନେ, ସାମ୍ବାଦିକ ବନ୍ଧୁ ଗଣ ଉପସ୍ଥିତ ଥିଲେ । ସୁଶ୍ରୀ ହେଢେଲ ପାୟଲ ମଂଚ ପରିଚାଳନା କରିଥିଲେ । ଏଠାରେ ୧୨ ଜଣ ଅନ୍ତ୍ୟୋଦୟ ଗୃହ ଯୋଜନାର ନୂତନ ହିତାଧିକାରୀ ମାନଙ୍କୁ ଅତିଥିମାନେ କାର୍ଯ୍ୟାଦେଶ ବଂଟନ କରିଥିଲେ । ୩ ଜଣ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ବିଭିନ୍ନ ବିଭାଗରେ ଅଗ୍ରଣୀ ଲାଭ କରିଥିବା ପଂଚାୟତ ସଂସ୍ଥା ମାନଙ୍କୁ ପୁରସ୍କୃତ କରଯାଇଥିଲା । ବିଭିନ୍ନ ବିଦ୍ୟାଳୟର କୁନି କୁନି ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପଂଚାୟତିରାଜ ଦିବସ ପାଳନ ଅବସରରେ ଓଡ଼ିଶାର ମାନ୍ୟବର ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ବଲାଙ୍ଗୀର ଜିଲ୍ଲାର ଗାନ୍ଧୀ ମାର୍ଗରୁ ଆଭାସି ଜରିଆରେ ସିଧାପ୍ରସାରଣ ମାଧ୍ୟମରେ ଯୋଡି ହୋଇଥିଲେ ।

# ବାଲେଶ୍ୱରରେ ବୃଦ୍ଧି ପାଉଛି ବେଆଇନ ରେଳ ଟିକେଟ କାରବାର : ୨୩ ଦିନରେ ୩ ମାମଲା, ୩ ଗିରଫ

ବାଲେଶ୍ୱର, (ନି.ପ୍ର.)ବାଲେଶ୍ୱର ଜିଲ୍ଲାର ପ୍ରମୁଖ ରେଳ ଷ୍ଟେସନ, ବିଶେଷ କରି ବାଲେଶ୍ୱର ଓ ସୋରୋ ଷ୍ଟେସନ ଅଂଚଳରେ ବେଆଇନ ଟିକେଟ କାରବାର ଏବେ ଚିନ୍ତାଜନକ ରୂପ ନେଇଛି । ତତ୍କାଳ ଟିକେଟର ଅଧିକ ଚାହିଦାକୁ ହତିଆର କରି କିଛି ଦଲାଲ ଓ ଏଜେଂଟ ଅସାଧୁ ଉପାୟରେ ଟିକେଟ ସଂଗ୍ରହ କରି ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଗତ ୨୩ ଦିନ ମଧ୍ୟରେ ଆରପିଏଫ୍ ଏହି ସମ୍ପର୍କରେ ୩ଟି ମାମଲା ରୁଜୁ କରି ୩ ଜଣଙ୍କୁ ଗିରଫ କରିଛି ।ଘରେ ବସି ଟିକେଟ ବୁକିଂ ପାଇଁ ଅନଲାଇନ୍ ସୁବିଧା ଥିବା ସତ୍ୱେ, କେତେକ ଅସାଧୁ ଏଜେଂଟ ଏହାର ଅପବ୍ୟବହାର କରୁଛନ୍ତି । ଦୀର୍ଘ ରୁଟରେ ତତ୍କାଳ ଟିକେଟ ମିଳିବା କଷ୍ଟକର ହେବାରୁ, ଏହି ଚାହିଦାକୁ ଭିତି କରି ଦଲାଲମାନେ ବିଭିନ୍ନ ଅବୈଧ ପ୍ରକ୍ରିୟାରେ ଟିକେଟ ହାସଲ କରୁଛନ୍ତି । ପରେ ସେହି ଟିକେଟ ଗୁଡ଼ିକୁ ଅଧିକ ଦରରେ ବିକ୍ରି କରାଯାଉଛି ।



ଉଦାହରଣ ସ୍ୱରୂପ, ୫ ହଜାର ଟଙ୍କାର ଟିକେଟ ପାଇଁ ଯାତ୍ରୀଙ୍କୁ ଅତିରିକ୍ତ ୧ ରୁ ୨ ହଜାର ଟଙ୍କା ଦେବାକୁ ପଡୁଛି । ଆରପିଏଫ୍ ଖଡ଼ଗପୁର ଟିମ୍ ବିଶ୍ୱସ୍ତ ସୂଚନା ଆଧାରରେ ବାଲେଶ୍ୱରରେ ଚଢ଼ାଉ କରି ଜଣେ ଦଲାଲଙ୍କୁ ଗିରଫ କରିଛି । ବାଲେଶ୍ୱର ଷ୍ଟେସନ ପୂର୍ବ ପାର୍ଶ୍ୱରେ ସୁଭଦ୍ରା ରେଷ୍ଟ ହାଉସ ନିକଟରୁ ସନ୍ଧ୍ୟା ସମୟରେ ଚନ୍ଦନ କୁମାର ପତି (୩୯)ଙ୍କୁ ଅଟକ ରଖା ଯାଇଥିଲା । ତାଙ୍କ ନିକଟରୁ ଗୋଟିଏ ତତ୍କାଳ ଟିକେଟ, ଏକ ଆଣ୍ଡ୍ରୋଏଡ ମୋବାଇଲ ଫୋନ ଓ ୫,୪୩୦ ଟଙ୍କା ନଗଦ ଜବତ କରାଯାଇଛି । ଯାଂଚରେ ସେ ବେଆଇନ ଭାବେ ଟିକେଟ ସଂଗ୍ରହ କରି ଅଧିକ ଦରରେ ବିକ୍ରି କରୁଥିବା ସ୍ୱୀକାର କରିଥିଲେ ।ଏହି ମାମଲାରେ ରେଳ ଅଧିନିୟମ ୧୯୮୯ର ଧାରା ୧୪୩ ଅନୁଯାୟୀ ମାମଲା ରୁଜୁ ହୋଇଥିବା ସହ ଅଭିଯୁକ୍ତଙ୍କୁ ଏସଡିଜେଏମ କୋର୍ଟରେ ହାଜର କରାଯିବ ବୋଲି ରେଳବାଇ ସୂତ୍ରରୁ ପ୍ରକାଶ । ତାଙ୍କ ମୋବାଇଲ ଯାଂଚରୁ ଏହି ଅବୈଧ ନେଟୱର୍କ ସମ୍ପର୍କିତ ଅନେକ ପ୍ରମାଣ ମିଳିଥିବା ଜଣାପଡିଛି ।ସୋରୋ ଷ୍ଟେସନ ଅଂଚଳରେ ମଧ୍ୟ ଆରପିଏଫ୍ ନଜରଦାରି ବଢ଼ାଇଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ସହ ଏହି କାରବାରରେ ଜଡିତ ଅନ୍ୟ ଦଲାଲମାନଙ୍କୁ ଚିହ୍ନଟ କରାଯିବାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ସାଧାରଣ ଯାତ୍ରୀ ଦଲାଲଙ୍କ ପାଖକୁ ନଯାଇ ସିଧାସଳଖ ରେଳବାଇ କାଉଂଟର କିମ୍ବା ଅଧିକୃତ ବିକ୍ରେତା ମାଧ୍ୟମରେ ଟିକେଟ ବୁକିଂ କରିବାକୁ ଆରପିଏଫ୍ ପରାମର୍ଶ ଦେଇଛି ।

# ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ମହାସଂଘ ଜିଲ୍ଲା ଶାଖାର ବୈଠକ

ବାଲେଶ୍ୱର(ନି.ପ୍ର.)ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ମହାସଂଘ ଜିଲ୍ଲା ଶାଖାର ବୈଠକ ଆଜି ଅପରାହ୍ନରେ ଓଟି ରୋଡ ସ୍ଥିତ ଅଙ୍ଗାରଗଡ଼ିଆ କାର୍ଯ୍ୟାଳୟରେ ବରିଷ୍ଠ ଆଇନଜୀବୀ ମହେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆସନ୍ତା ୨୯ ତାରିଖ ମହାସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ପୀତବାସ ମିଶ୍ର ବାଲେଶ୍ୱର ଆଗମନ ପରିପ୍ରେକ୍ଷୀରେ ବୈଠକରେ ଆଲୋଚନା କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ବେ?ଠକର ପ୍ରାକ୍? କଥା ରଖିଥିଲେ । ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡା,



'ସେଇଠୁ ଆରମ୍ଭ'ର ସଂପାଦକ ଶୁଭେନ୍ଦୁ କୁମାର ଦାସ, ଅପର୍ଣ୍ଣା ମହାପାତ୍ର, ଭବେଶ ପାଣିଗ୍ରାହୀ, କଞ୍ଚମଣୀ ସ୍ୱାଇଁ, ମନୋଜ କୁମାର ବିଶ୍ୱାଳ, ମିତାଞ୍ଜଳି ପାଣିଗ୍ରାହି, ଦମୟନ୍ତୀ ପଣ୍ଡା, ଭଗବାନ ଚନ୍ଦ୍ର ଦାସ, ହରିଶଙ୍କର ଜେନା, ଶରତ ବାରିକ, ତପନ ଦାସ, ସୁରେନ୍ଦ୍ର ମୋହନ ଜେନା, ମହେଶ୍ୱର ପ୍ରଧାନ, କମଳାକାନ୍ତ ନାୟକ, ସମ୍ବିତ କୁମାର୍ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା ,ମଧୁସୂଦନ ଗିରି, ବିସ୍ମୟ କୁମାର୍ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସମ୍ମିଳିତ କର୍ମଜୀବୀର ସାମ୍ବାଦିକ ମହାସଂଘର ଜିଲ୍ଲା ଶାଖାର ପ୍ରାକ୍ତନ ସଭାପତି ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ୍? ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳ ଜ୍ଞାପନ କରାଯାଇଥଲା ।

# ବିଶ୍ୱ ଶ୍ରମିକ ଦିବସ ପାଳନ ପାଇଁ ମିଳିତ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ତା୨୪-୦୪: ଆସନ୍ତା ମଇ ପହିଲାରେ 'ବିଶ୍ୱ ଶ୍ରମିକ ଦିବସ' ପାଳନ ପାଇଁ ଟିୟୁଏସିସି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଗୁରୁବାର ଦିନ ସନ୍ଧ୍ୟାରେ ଆଇନଜୀବୀ ଶାନ୍ତନୁ ଦାସଙ୍କ ଅଧ୍ୟକ୍ଷାରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଶ୍ରମିକ ସଂଗଠନମାନଙ୍କର ମିଳିତ ବୈଠକ 'ଉଠା ଜଳସେଚନ କର୍ମଚାରୀ ଭବନ'ରେ ଅନୁଷ୍ଠିତ ହୋଇଯାଇଛି । ଟିୟୁଏସିସିର ସଂପାଦକ ତଥା ଆବାହକ ଗୌରାଙ୍ଗ ପାଣିଗ୍ରାହୀ ଚଳିତ ବର୍ଷ ମଇ ଦିବସ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଆଠଘ□ା କାର୍ଯ୍ୟଦିବସ ଦାବିରେ




ଶ୍ରମିକମାନେ ସେମାନଙ୍କର ପ୍ରାଣବଳି ଦେଇଥିଲେ । କିନ୍ତୁ ବ□ମାନର ରାଜ୍ୟ ଓ କେନ୍ଦ୍ର ସରକାର ଦୈନିକ କାର୍ଯ୍ୟଦିବସ ଆଠଘ□ାରୁ ଦଶଘ□ାକୁ ବୃଦ୍ଧି କରିଛନ୍ତି । ପ୍ରଚଳିତ ୪୪ଟି ଶ୍ରମଆଇନକୁ ସଂଶୋଧନ କରି ପୁଞ୍ଜିପତି ମାଲିକଙ୍କ ସ୍ୱାର୍ଥରେ ୪ଟି ଶ୍ରମକୋଡ୍ ପ୍ରଚଳନ କରୁଛନ୍ତି । ଦେଶବ୍ୟାପୀ ସମସ୍ତ ଶ୍ରମଜୀବୀ ଜନଗଣ ସରକାରଙ୍କର ଏହି ନିଷ୍ପ□କୁ ବିରୋଧ କରୁଛନ୍ତି ବୋଲି ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ । ଆସନ୍ତା ମଇପହିଲା ଶ୍ରମିକ ଦିବସକୁ ସ୍ୱାଗତ ଜଣାଇ ଏପ୍ରିଲ୍ ୩୦ ତାରିଖ ସନ୍ଧ୍ୟାରେ ବାଲେଶ୍ୱର ସହରରେ ମଶାଲ ଶୋଭାଯାତ୍ରାରେ ଶତାଧିକ ଶ୍ରମିକ ଯୋଗ ଦେବେ । ମଇ ପିହଲାଦିନ ସକାଳ ୭ଟାରେ ବିଚାରଗଞ୍ଜ ଛକ ପାର୍ଶ୍ୱରେ ମିଳିତ ଭାବେ ଲାଲ୍ ପତାକା ଉ□ୋଳନ କରାଯିବ ଓ ଅପରାହ୍ନ ୫ଟାରେ ରେଳଷ୍ଟେସନରୁ ମିଳିତ ଶୋଭାଯାତ୍ରା ସହର ପରିକ୍ରମା କରି ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ସମ୍ମୁଖରେ ପହ□ିବ । ସେଠାରେ ଶ୍ରମିକ ସମାବେଶ ଓ ସାଧାରଣ ସଭାରେ ରାଜ୍ୟ ଓ ଜିଲ୍ଲାର ବରିଷ୍ଠ ଶ୍ରମିକ ନେତାମାନେ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିବେ ବୋଲି ବୈଠକରେ ନିଷ୍ପ□ି ଗ୍ରହଣ କରାଯାଇଛି । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱରର ଶ୍ରମଜୀବୀ ଜନତା ଯୋଗଦେବାକୁ ନିବେଦନ କରାଯାଇଛି ।

ଏହି ବୈଠକରେ ଏଆଇଟିୟୁସିରୁ ଶ୍ୟାମସୁନ୍ଦର ଜେନା, ସିଆଇଟିୟୁରୁ ପ୍ରେମରଂଜନ ପାତ୍ର, ଆଇଏନ୍‌ଟିୟୁସିରୁ ଜୀବନକୃଷ୍ଣ ବାରିକ, ପ୍ରତିରକ୍ଷା କର୍ମଚାରୀ ନେତା ଜଗଦୀଶ ଚନ୍ଦ୍ର ବାରିକଙ୍କ ସମେତ ଭରତ ଚନ୍ଦ୍ର ସେଠୀ, ବନ୍ଦନା ପାତ୍ର, ହରେକୃଷ୍ଣ ଚାନ୍ଦ, ଦେବବ୍ରତ ଜେନା ପ୍ରମୁଖ ମଇ ପହିଲାରେ ଶ୍ରମିକମାନେ ଐକ୍ୟବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ । ଶରତ ଚନ୍ଦ୍ର ଦଳାଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ବରଦାନ ସାଜିଛି TPNODLର ଭ୍ରାମ୍ୟମାଣ ଆମ୍ବୁଲାନ୍ସ

ବାଲେଶ୍ୱର(ନି.ପ୍ର.): ନିଜର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଦିଗରେ ସର୍ବଦା ଗୁରୁତ୍ୱ ଦେବା ସହ ସାମାଜିକ ଦାୟିତ୍ୱବୋଧତା ତଥା ସିଏସଆର ବିନିଯୋଗ କ୍ଷେତ୍ରରେ 'ଟିପିଏନଓଡିଏଲ' ଗୁରୁଦାୟିତ୍ୱ ବହନ କରୁଛି । ଗ୍ରାମାଂଚଳରେ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଆରମ୍ଭ କରାଯାଇଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡି ଜନସାଧାରଣଙ୍କ ପାଇଁ ବରଦାନ ସାଜିଛି । ବିଗତ କିଛି ବର୍ଷ ମଧ୍ୟରେ ୧ଲକ୍ଷ ୭୦ ହଜାରରୁ ଅଧିକ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଇଛି ଟିପିଏନଓଡିଏଲ । ଟିପିଏନଓଡିଏଲ ପକ୍ଷରୁ ମାଗଣା ମୋବାଇଲ ସ୍ୱାସ୍ଥ୍ୟ ସେବା ନିମିତ ଭ୍ରାମ୍ୟମାଣ ଆମ୍ବୁଲାନ୍ସ ବାଲେଶ୍ୱର ଜିଲ୍ଲା ସମେତ ଯାଜପୁର, କେନ୍ଦୁଝର, ଭଦ୍ରକ, ଓ ମୟୂରଭଞ୍ଜ ଜିଲ୍ଲାର ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଆରମ୍ଭ କରାଯାଇଛି । ପ୍ରତ୍ୟେକ ଜିଲ୍ଲା ପାଇଁ ଗୋଟିଏ ଲେଖାଏଁ ମୋଟ ୫ଟି ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଉପଲବ୍ଧ କରାଯାଇଥିବା ବେଳେ ଏଯାବତ ୧୩ଶହରୁ ଅଧିକ ସ୍ୱାସ୍ଥ୍ୟ କ୍ୟାମ୍ପ ଆୟୋଜନ କରାଯାଇଛି । ଏହି ଆମ୍ବୁଲାନ୍ସ ଆଦିବାସୀ, ଉପାନ୍ତ ଓ ଗ୍ରାମାଂଚଳ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ସ୍ୱାସ୍ଥ୍ୟ ସେବା



ଯୋଗାଉଛି । ଆମ୍ବୁଲାନ୍ସଗୁଡିକରେ ଅତ୍ୟାବଶ୍ୟକୀୟ ଚିକିତ୍ସା ଉପକରଣ ଓ ଔଷଧ ସହ ଜଣେ ଲେଖାଏଁ ଡାକ୍ତର, ଫାର୍ମାସିଷ୍ଟ, ଏଏନଏମ ନିଯୋଜିତ ହୋଇଛନ୍ତି । ଚିକିତ୍ସା ସେବା ସହିତ ଲୋକଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସଚେତନ କରିବା ଦିଗରେ ମଧ୍ୟ ଏହି ଆମ୍ବୁଲାନ୍ସ କାର୍ଯ୍ୟ କରୁଛି । ଏଥିରେ ଅଭିଜ୍ଞ ଡାକ୍ତର, ଫର୍ମାସିଷ୍ଟ ଏବଂ ଅନ୍ୟ କର୍ମଚାରୀ ପ୍ରତ୍ୟେକ ଆମ୍ବୁଲାନ୍ସରେ ନିୟୋଜିତ କରିଛୁ । ଏହି ଆମ୍ବୁଲାନ୍ସ ବିଭିନ୍ନ ପଂଚାୟତ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛି । ଆବଶ୍ୟକ ସ୍ଥଳେ ଚିକିତ୍ସା ସେବା ଓ ଔଷଧ ଯୋଗାଉଥିବା ବେଳେ ଏ ସମସ୍ତ ପ୍ରକ୍ରିୟା ସ୍ଥାନୀୟ ସରପଂଚଙ୍କ ସହଯୋଗରେ ସମ୍ପାଦିତ ହେଉଛି । ସମ୍ପୂର୍ଣ୍ଣ ମାଗଣାରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଓ ଔଷଧ ଯୋଗାଇ ଦିଆଯାଉଛି । ତେବେ ସିଏସଆର ବିନିଯୋଗ କ୍ଷେତ୍ରରେ ଅନେକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଟିପିଏନଓଡିଏଲ ଗ୍ରହଣ କରିଛି । ଶିକ୍ଷାରୁ ବଂଚିତ ପିଲାମାନଙ୍କୁ ଶିକ୍ଷାଦାନ, ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରଶିକ୍ଷଣ, ନିରକ୍ଷର ମହିଳାମାନଙ୍କୁ ଶିକ୍ଷାଦାନ ଓ ଦକ୍ଷତା ବିକାଶ ଆଦି କାର୍ଯ୍ୟକ୍ରମ ଆୟୋଜନ କରୁଛି । ଟିପିଏନଓଡିଏଲ ପକ୍ଷରୁ ୫ଟି ଜିଲ୍ଲାରେ ଥିବା ୬ଟି ଦକ୍ଷତା ବିକାଶ କେନ୍ଦ୍ରଗୁଡ଼ିକରୁ ପ୍ରାୟ ୩ହଜାର ଯୁବବର୍ଗ ତାଲିମ ନେଇ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀରେ ନିଯୁକ୍ତି ପାଇବାର ସୁଯୋଗ ପାଇଛନ୍ତି । ସେହିଭଳି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟମାନଙ୍କୁ ଟେଲରିଂ, ବ୍ୟୁଟିସିଆନ ଆଦି ପ୍ରଶିକ୍ଷଣ ଦିଆଯିବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ଦିଗରେ ମଧ୍ୟ ଟିପିଏନଓଡିଏଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବିଶେଷତଃ ଜନ ସାଧାରଣଙ୍କୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ସମ୍ପର୍କରେ ଅବଗତ କରାଇବା ଲାଗି ଆରମ୍ଭ ହୋଇଥିବା 'ଅଧିକାର କାର୍ଯ୍ୟକ୍ରମ' ବେଶ୍ ଜନାଦୃତ ହୋଇ ପାରିଛି ।

# ମା' ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପାନୀୟ ଜଳ ବିତରଣ

ବାଲେଶ୍ୱର,(ନି.ପ୍ର.): ପ୍ରବଳ ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରୁ 'ମା' ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ' ପକ୍ଷରୁ ୨୩ ନଂ. ୱାର୍ଡ଼ର ସହଦେବଖୁ□ା ଚାନ୍ଦମାରି ପଡ଼ିଆ ଛକରେ ଏକ ପାନୀୟଜଳ ବିତରଣ କେନ୍ଦ୍ର ଖୋଲାଯାଇଛି । ବାଲେଶ୍ୱର ପୌରପାଳିକାର ସହାୟତାରେ ଏହି ଜଳଦାନ କେନ୍ଦ୍ର ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କାର୍ଯ୍ୟକରୁଛି । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ପାଳିକରି ଏହି



ଜଳଦାନ କେନ୍ଦ୍ର ପରିଚାଳନା କରୁଛନ୍ତି । ସଂଗଠନର ସଭାନେତ୍ରୀ ନିରଜିତା ପଣ୍ଡା, ସଂପାଦିକା ପ୍ରତିମା ପରିଡ଼ାଙ୍କ ସମେତ ପୁଷ୍ପାଞ୍ଜଳି ସେନାପତି, ଅଞ୍ଜଳି ରାମଜାଲିଆ, ବନିତା ମହାନ୍ତି, ସୁକାନ୍ତି ମାଝୀ, କମଳା ଜେନା, ମମତା ମହାନ୍ତି, ଅର୍ଚ୍ଚନା ବେହେରା ଓ ଲୀଳା ଜେନା ପ୍ରମୁଖ ପ୍ରତ୍ୟହ ଉପସ୍ଥିତ ରହୁଛନ୍ତି । ତୃଷା□ ପଥଚାରୀମାନେ ପ୍ରବଳ ଗ୍ରୀଷ୍ମ ସମୟରେ ସୁଶୀତଳ ଜଳ ପାନ କରି ତୃଷା ମେ□ାଉଛନ୍ତି । ଜଳଦାନ କେନ୍ଦ୍ର ଉଦ୍‌ଘାଟନ ସମୟରେ ସ୍ଥାନୀୟ କାଉନ୍‌ସିଲର୍ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଏଥିପାଇଁ ସ୍ଥାନୀୟ ଅଧିବାସୀମାନେ ପ୍ରଶଂସା କରୁଛନ୍ତି ।

# ଜୟ ବଜରଙ୍ଗବାଲିଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ବାଲେଶ୍ୱର,(ନି.ପ୍ର.): ହଳଦୀପଦା ରାଇସୁଆଁ ଅଂଚଳର ଜୟ ବଜରଙ୍ଗବାଲିଙ୍କ ପ୍ରାଣ ପ୍ରତିଷ୍ଠା କମିଟି ପକ୍ଷରୁ ବଜରଙ୍ଗବାଲିଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଗତ ୨୨.୪.୨୪ଠାରୁ ଆରମ୍ଭ ହୋଇ ଆଜି ପୂର୍ଣ୍ଣାହୂତିରେ ସମ୍ପନ୍ନ ହୋଇଛି । ଗତ ବୁଧବାର ଅଧିବାସ ଗୁରୁବାରରେ ଘଟୋତଳନ, ଠାକୁରସ୍ନାନ, ପ୍ରାଣ ପ୍ରତିଷ୍ଠା, ଚକ୍ଷୁଦାନ, ଯଜ୍ଞ ଏବଂ ପୂଜାର୍ଚ୍ଚନା ସାଂଗକୁ ହୋମଯଜ୍ଞ, ଚଣ୍ଡିପାଠ, ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ କମିଟିର ସଭାପତି ଗଦାଧର



ଦାସ, ଲକ୍ଷ୍ମଣ ବେହେରା ଓ ବିପିନ ବିହାରଯୀ ଦାସଙ୍କ ନେତୃତ୍ୱରେ ସମ୍ପନ୍ନ ହୋଇଥିଲା ବେଳେ ପୁର୍ଣ୍ଣାହୂତି ପରେ ୩ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ସେବନ କରାଯାଇଥିଲା ।

# ବିଶିଷ୍ଟ ସମାଜସେବୀ ଦୈତାରୀ ବେହେରାଙ୍କ ବିୟୋଗ

ବାଲେଶ୍ୱର(ନି.ପ୍ର.): ସଦର ବ୍ଲକ ଗେଙ୍ଗୁଟି ଗ୍ରାମ ପଂଚାୟତର ଜମ୍ବେଶ୍ୱର ପୁର ଗ୍ରାମର ଗ୍ରାମ୍ୟ କମିଟିର ପ୍ରାକ୍ତନ ସଭାପତି ତଥା ଅଂଚଳର ବିଶିଷ୍ଟ ସମାଜସେବୀ ଦୈତାରୀ ବେହେରାଙ୍କ ବିୟୋଗରେ ଶୋକର ଛାୟା ଖେଳି ଯାଇଛି । ମୃତ୍ୟୁ ବେଳକୁ ଶ୍ରୀ ବେହେରାଙ୍କୁ ୯୨ବର୍ଷ ହୋଇଥିଲା ଓ ସେ ସଫଳ ଜୀବନ ଅତିବାହିତ କରିଥିଲେ । ଜଣେ ଆଦର୍ଶ କୃଷକ ଭାବରେ ପାଖଆଖ ଅଂଚଳରେ ସେ ସର୍ବାଦୃତ ଥିଲେ । ସ୍ୱୟମ୍ଭୁ ବାବା ଜମ୍ବେଶ୍ୱରନାଥ ମନ୍ଦିର ନିର୍ମାଣରେ ତାଙ୍କର ପ୍ରମୁଖ ଯୋଗଦାନ ଥିଲା ଏବଂ ଅଂଚଳର ଶିକ୍ଷା ବିକାଶ ଆନ୍ଦୋଳନରେ ସାମିଲ ହୋଇ ସେ ବିଦ୍ୟାଳୟ ପ୍ରତିଷ୍ଠାରେ ଭାଗିଦାରୀ ରଖିଥିଲେ । ଗ୍ରାମ୍ୟରେ ଭଗବତ ଦର୍ଶନର ପ୍ରଚାର ପ୍ରସାର ପାଇଁ ନିର୍ମିତ ଭାଗବତ ଟୁଙ୍ଗୀର ନିର୍ମାଣ ବିକାଶ ପାଇଁ ତାଙ୍କ ସେବା ଅବିସ୍ମରଣୀୟ । ଭୋର୍ ଚାରିଟା ବେଳେ ସେ ଇହଲୀଳା ସମ୍ବରଣ କରିଥିଲେ । ମୃତ୍ୟୁ ବେଳକୁ ତିନି ପୁତ୍ର ଲକ୍ଷ୍ମୀକାନ୍ତ ବେହେରା, ବୃନ୍ଦାବନ ବେହେରା , ଦୋଳଗୋବିନ୍ଦ ବେହେରା ଓ ପୁତ୍ରବଧୂ ନାତି ନାତୁଣୀ ଉପସ୍ଥିତ ଥିଲେ । ଖବରପାଇ ଅଂଚଳରେ ବହୁ ବିଶିଷ୍ଟ ବ୍ୟକ୍ତି ସମେତ ସମାଜ ସଂସ୍କାରକ ପୀତବାସ ଆଚାର୍ଯ୍ୟ, ଉମେଶକୁମାର ପାଣିଗ୍ରାହୀ, ବ୍ରଜେନ୍ଦ୍ରକୁମାର ମହାନ୍ତି, ଜିଲ୍ଲା ସିଭିଲ ଜଜର ହିସାବ ରକ୍ଷକ ମାନସ କୁମାର ନାୟକ, ମନବଧିକାର କର୍ମୀ ସୁଧାକର ସେଠୀ, ତୁଳସୀ ରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । ପୁତ୍ର ଦୋଳଗୋବିନ୍ଦ ବେହେରା ମୁଖାଗ୍ନି ପ୍ରଦାନ କରିଥିଲେ । ଶ୍ରୀ ବେହେରା ଜଣେ ଭଲ ମଣିଷ ଥିଲେ । ତାଙ୍କ ତିରୋଧାନ ଆମ ଗାଁ ମୁରବୀ ହରାଇଲା ବୋଲି ପୂର୍ବତନ ଉପ ପଶୁ ନିର୍ଦ୍ଦେଶକ ଡାକ୍ତର ପରମାନନ୍ଦ ସେଠୀ ଜଣାଇଛନ୍ତି ।

# ମୂନ କମ୍ୟୁନିକେସନ ପକ୍ଷରୁ ପାଳିତ ହେଲା ବିଶ୍ୱ ପୃଥିବୀ ଦିବସ

ବାଲେଶ୍ୱର(ନି.ପ୍ର.) ସାମାଜିକ ସଂଗଠନ ମୂନ୍ କମ୍ୟୁନିକେସନ ତରଫରୁ ୫୬ ତମ ବିଶ୍ୱ ପୃଥିବୀ ଦିବସ ସମ୍ପାଦକ ଶ୍ରୀ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ରଣସାହି ଓ ଅଠଳାମାଳ ଠାରେ ଅନୁଷ୍ଠିତ ହୋଇ ଅଛି ।କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷୟିତ୍ରୀ ସବିତା ନାୟକ, ଶ୍ରୀମତୀ ସତ୍ୟଭାମା ଲେଙ୍କା, ଶ୍ରୀମତୀ ରାଉଁଦେ ମୁର୍ମୁ, ଶ୍ରୀ ଗୋବିନ୍ଦ ଲେଙ୍କା ଯୋଗ ଦେଇ ମଣିଷର ଦୁର୍ବାର ଇଛା ପାଇଁ ପୃଥିବୀ ଏବେ ଶଙ୍କଟାପନ୍ନ କ୍ଷ ବିଶ୍ୱ ଜଳବାୟୁ ସଂଗଠନ ରିପୋର୍ଟ ଅନୁଯାୟୀ ଏକ ଦଶନ୍ଧି ଧରି ପୃଥିବୀର ତାପମାତ୍ରା ୧୧ ଡିଗ୍ରୀ ବୃଦ୍ଧି ଫଳରେ ଅହେତୁକ ଗ୍ରୀଷ୍ମ ପ୍ରବାହ, ବନ୍ୟା ଓ ହିମ ବରଫ ତରଳିବା ଭଳି ବିପର୍ଯ୍ୟୟ ସମସ୍ୟା ଦେଖା ଦେଇଛି କ୍ଷ



ପୃଥିବୀକୁ ରକ୍ଷା କରିବାକୁ ହେଲେ ବ୍ୟାପକ ବୃକ୍ଷରୋପଣ, ବନ୍ୟଜୀବ ସଂରକ୍ଷଣ ପ୍ରାକୃତିକ ସମ୍ପଦ ସଂଚୟ ସହ ସୁପରିଚାଳନା, ଜୀବାସ୍ମା ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ ଓ ସବୁଜ ଶକ୍ତିର ବ୍ୟବହାର ପାଇଁ ଆହ୍ୱାନ ଦିଆଯାଇ ଥିଲା । କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ସ୍ଥାନୀୟ ଜନସାଧାରଣ ଭାଗ ନେଇ ଏ ବର୍ଷର ବାର୍ତା 'ଆମ ପୃଥିବୀ ଆମ ଶକ୍ତି' ପାଇଁ ଆଗାମୀ ବର୍ଷାଋତୁ ଠାରୁ ସାମୁହିକ ଭାବେ ବୃକ୍ଷରୋପଣ, ସୌରଶକ୍ତି ଓ ସବୁଜ ଶକ୍ତି ବ୍ୟବହାର ସହ ଏକ ସବୁଜ ସୁନ୍ଦର ପୃଥିବୀ ପାଇଁ ଶପଥ ପାଠ କରିଥିଲେ ।

# ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଭାବେ ଦାୟିତ୍ୱ ନେଲେ ଓମ ପ୍ରକାଶ ମିଶ୍ର




ପୁରୀ(ନିପ୍ର): ପୁରୀ ଜିଲ୍ଲା ଯୋଜନା ବୋର୍ଡ ର ଅଧକ୍ଷ ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ।ପୂର୍ବାହ୍ନରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଠାରେ ପହଂଚିବା ପରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଶ୍ରୀ ମିଶ୍ର ଙ୍କୁ ସ୍ୱାଗତ କରିଥିଲେ । ସେଠାରେ ଶ୍ରୀ ମିଶ୍ର ଦାୟିତ୍ୱ ଗ୍ରହଣ କରିବା ପରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଶ୍ରୀ ମିଶ୍ର ଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ସେଠାରେ ଆୟୋଜିତ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଶ୍ରୀ ମିଶ୍ର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।ସରକାରଙ୍କ ର ପ୍ରତ୍ୟେକ ଯୋଜନା ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ । ଏହାର ସଫଳ ରୂପାୟନ ସହ ଯୋଗ୍ୟ ହିତାଧିକାରୀ ତାହାର ସୁଫଳ ପାଇବା ଉଚିତ । ତେଣୁ ଉପଯୁକ୍ତ ହିତାଧିକାରୀ ଚୟନ, ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମାପନ, ମୌଳିକ ଆବଶ୍ୟକତା ପୂରଣ ଓ ସାଧାରଣ ଲୋକ ମାନଙ୍କ ଅଭିଯୋଗ ଗୁଡିକ ର ନିୟମ ଅନୁସାରେ ତ୍ୱରିତ ସମାଧାନ ପାଇଁ ଅଧକ୍ଷ ଶ୍ରୀ ମିଶ୍ର ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ସରକାର ଓ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରଶାସନ ସେତୁ ସଦୃଶ୍ୟ । ଏହା ଯେତେ ମଜବୁତ ହେବ ବିକାଶ ସେତିକି ତ୍ୱରାନ୍ୱିତ ହେବ । ସରକାର ପୁରୀ ଜିଲ୍ଲା ପାଇଁ ଅନେକ ବୃହତ ପ୍ରକଳ୍ପ ମାନ କରୁଛନ୍ତି । ବିମାନ ବନ୍ଦର ମଧ୍ୟ କରାଯାଉଛି । ତେଣୁ ସମସ୍ତ ଙ୍କ ସହଯୋଗ ରେ ପୁରୀ ଜିଲ୍ଲା କୁ ଆଗାମୀ ମାର୍ଚ୍ଚ ସୁଦ୍ଧା ପ୍ରଥମ ୭ ଟି ସ୍ଥାନରେ ରଖିବାକୁ ସେ ଆହ୍ୱାନ ଦେଇଥିଲେ । କୌଣସି ଟେବୁଲ ରେ ଯେପରି ଅହେତୁକ ଭାବେ ଫାଇଲ ନ ଅଟକେ ଓ ଧାଡିର ଶେଷ ଲୋକ ନିକଟରେ ଯେପରି ବିକାଶ ପହଂଚେ ତାହା ଦେଖିବା ଆମ ସମସ୍ତ ଙ୍କ ଦାୟିତ୍ୱ । ନିଜ ଦାୟିତ୍ୱ କୁ ସୁଚାରୁ ରୂପେ ନିର୍ବାହ କରି ନିଜର ପରିଚୟ ସୃଷ୍ଟି ସହ ଅନ୍ୟ ମାନଙ୍କ ପାଇଁ ଉଦାହରଣ ହେବାକୁ ଶ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପିପିଲି ର ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଯୋଗ ଦେଇ ଜିଲ୍ଲାର ପ୍ରଗତି ଓ ବିକାଶ ରେ ଯୋଜନା ବୋର୍ଡ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ସାମୁହିକ ଉଦ୍ୟମ ରେ ଏହାକୁ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏସ ପି ପ୍ରତୀକ ସିଂ, ପୁରୀ ଡିଏଫଓ ଧନଜି ରାଓସୋ ମଗର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପୁରୀ ମୁନିସିପାଲ କର୍ପୋରେସନ ର କମିଶନର ସ୍ନେହା ଅରୁଗୁଲା, ଚିଲିକା ଡିଏଫଓ ଅମ୍ଲାନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ସମସ୍ତ ଜିଲ୍ଲା ସ୍ତରୀୟ ଓ ଲାଇନ ଡିପାର୍ଟମେଂଟର ଅଧିକାରୀ ମାନେ ଉପସ୍ଥିତ ରହି ସେମାନଙ୍କ ପରିଚୟ ଓ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଅଧକ୍ଷ ଙ୍କୁ ଅବଗତ କରାଇଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ର ଉପ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ନାବାଳିକାକୁ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତକୁ ୨୦ବର୍ଷ କାରାଦଣ୍ଡାଦେଶ

ଯାଜପୁର(ନିପ୍ର): ୧୪ବର୍ଷ ନାବାଳିକାକୁ ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ । ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତକୁ ୨୦ବର୍ଷ କାରାଦଣ୍ଡାଦେଶ ଶୁଣାଇଲେ ଯାଜପୁର ର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ । ଅଭିଯୁକ୍ତ ହେଲେ କାଳିଆପାଣି ଥାନା ଅଂଚଳର ସଞ୍ଜୟ ମହାରଣା । ୨୦୨୫ ମସିହା ଜେନାପୁର ଥାନା ଅଂଚଳର ୧୪ବର୍ଷ ୧୧ ମାସର ନାବାଳିକାକୁ ଝିଅକୁ ଅପହରଣ କରି ଅଭିଯୁକ୍ତ ନିଜ ସମ୍ପର୍କୀୟ ଘରେ ଦୁଷ୍କର୍ମ କରିଥିଲା । ଏ ନେଇ ପିଡିତାଙ୍କ ପରିବାର ବର୍ଗ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କୁ ଭିତି କରି ଦୁଷ୍କର୍ମକାରୀ ସଞ୍ଜୟ ମହାରଣାକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଏହି ମାମଲାର ଶୁଣାଣି କରିଛନ୍ତି ସ୍ୱତନ୍ତ୍ର ପୋକ୍ସୋ ଅଦାଲତ । ୧୩ ଜଣଙ୍କ ସାକ୍ଷ ପ୍ରମାଣକୁ ଆଧାର କରି ଅଭିଯୁକ୍ତକୁ ୨୦ବର୍ଷ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି । ଏଥି ସହିତ ଅନାଦୟ ୧୨ମାସ ଅଧିକ କାରାଦଣ୍ଡାଦେଶ ସହ ପିଡିତା ଙ୍କୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ମଧ୍ୟ ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ ବିଚାରପତି ଅଭିଳାଷ ସେନାପତି । ଏହି ମାମଲାଟିକୁ ସରକାରୀ ଓକିଲ ଶ୍ରୀନିବାସ ସାହୁ ପରିଚାଳନା କରିଥିଲେ ।

# ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ଜାତୀୟ ପଂଚାୟତ ଦିବସ ପାଳିତ



ଧାମନଗର(ନିପ୍ର): ଧାମନଗର ପଂଚାୟତ ସମିତି ସଭାଗୃହରେ ବ୍ଲକ ସ୍ତରୀୟ ଜାତୀୟ ପଂଚାୟତ ଦିବସ ପାଳନ ହୋଇଛି । ଗ୍ରାମୀଣ ଉନ୍ନୟନ ଓ ପଂଚାୟତ ରାଜ୍ ବ୍ୟବସ୍ଥାକୁ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥିବା ବେଳେ ସଭାରେ ଉପସ୍ଥିତ ଅତିଥିମାନେ ପଂଚାୟତର ଭୂମିକା ଓ ଗ୍ରାମ ଉନ୍ନୟନରେ ତାହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ବଲାଙ୍ଗିରରେ ଆୟୋଜିତ ରାଜ୍ୟସ୍ତରୀୟ ପଂଚାୟତ ଦିବସ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀଙ୍କ ସିଧା ପ୍ରସାରଣ ଦେଖିଥିଲେ ଓ ସରକାରଙ୍କ ଗ୍ରାମୀଣ ଉନ୍ନୟନ ନୀତି ସମ୍ପର୍କରେ ଅବଗତ ହୋଇଥିଲେ । କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ସାଂସଦଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ବିଡ଼ିଓ ବନବିହାରୀ ଦିଣ୍ଡା, ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ଜିପିଓ ନୃସିଂହ ଚରଣ ଦତ ଓ ବିପିସି ପ୍ରଶାନ୍ତ ବାରିକ୍ ପ୍ରମୁଖ ଉପସ୍ଥିତ ରହି ଅନ୍ତ୍ୟୋଦୟ ଗୃହ ଯୋଜନା ଅନ୍ତର୍ଗତ ହିତାଧିକାରୀ ଙ୍କୁ କାର୍ଯ୍ୟାଦେଶ ବଂଟନ । ଏଥି ସହ ଯେଉଁ ମାନେ ନିର୍ଦ୍ଧାରିତ ସମୟ ସୀମାଭିତରେ ଘର ନିର୍ମାଣ ସମ୍ପୂର୍ଣ୍ଣ କରିଥିଲେ ସେମାନଙ୍କୁ ଅତିରିକ୍ତ ପୁରସ୍କାର ରାଶି ପ୍ରଦାନ କରି ସମ୍ମାନିତ କରିଥିଲେ । ସଭାରେ ଜେଇ, ପିଇଓ, ଏଡିଓ ଓ ଜିଆରଏସ ସହ ବିଭିନ୍ନ ବିଭାଗର କର୍ମଚାରୀ, ପଂଚାୟତ ପ୍ରତିନିଧି ଓ ସ୍ଥାନୀୟ ଲୋକ ମାନେ ଯୋଗ ଦେଇଥିଲେ । ଏଥି ସହ ବ୍ଲକ ର ବିଭିନ୍ନ ପଂଚାୟତ ଅଫିସ ରେ ବି ଏହି ଦିବସ ପାଳିତ ହୋଇ ଯାଇଛି ।

# ଆଚାର୍ଯ୍ୟ ହରିହର ପିଜିଆଇସି ଆନୁକୂଲ୍ୟରେ ୪୨ତମ ବାର୍ଷିକ ଦିବସ ପାଳିତ

 କଟକ(ନିପ୍ର)ଆଚାର୍ଯ୍ୟ ହରହର ସ୍ନାତକୋତର କର୍କଟ ଅନୁଷ୍ଠାନର ୪୨ତମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଅଧାପକ ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ସ୍ୱତନ୍ତ୍ର ସଚିବ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ର ପ୍ରଫେସର ସନ୍ତୋଷ ମିଶ୍ର, ଡିନ୍ ଏବଂ ପ୍ରିନ୍ସିପାଲ୍ ପ୍ରଫେସର ପ୍ରତିଭା ପଣ୍ଡା, କଟକ ସିଡିଏମ୍ଓ ଡକ୍ଟର ପ୍ରଶାନ୍ତ ହୋତା ଯୋଗ ଦେଇଥିଲେ । ନିର୍ଦ୍ଦେଶକ ଏଏଚପିଜିଆଇସି ର ଭିଏସଏମ ଦୀପକ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ, ଡିନ୍ ଏବଂ ପ୍ରିନ୍ସିପାଲ୍ ପ୍ରଫେସର ରେଖା ଦାସ ଏ ଏଚ ପି ଜି ଆଇ ସି କରିଥିବା ବିକାଶ ଏବଂ ସରକାରୀ ସହାୟତାରେ ରୋଗୀ ସେବା ପ୍ରଦାନ କରିବା ପାଇଁ ବିଭିନ୍ନ ତ୍ରୁଟିକୁ ଦୂର କରିବା ପାଇଁ କିପରି ଏହାକୁ ବହୁତ ପ୍ରୟାସ କରିବାକୁ ପଡ଼ିଛି ତାହା ପୁନରାବୃତି କରିଥିଲେ । ଡକ୍ଟର ସନ୍ତୋଷ ମିଶ୍ର ଆଶ୍ୱାସନା ଦେଇଛନ୍ତି ଯେ ସରକାର ଏଏଚପିଜିଆଇସି କିପରି ବିକଶିତ କରିବେ ତାହା ଦେଖୁଛନ୍ତି । ଶିକ୍ଷା ଏବଂ ପିଟି କେୟାରକୁ ଆଗକୁ ନେବାରେ ଏଏଚପିଜିସି କିପରି ଏ ସି ବି ସହିତ କାମ କରିଥିଲେ ତାହା ଡିନ୍ ଏବଂ ପ୍ରିନ୍ସିପାଲ୍ ଏସ ସି ବି ଏମ୍ ସି ପ୍ରଶଂସା କରିଥିଲେ । କଟକ ସିଡିଏମଓ କିପରି ସେମାନେ ପରସ୍ପର ସହିତ ମିଶି କାମ କରନ୍ତି ସେ ବିଷୟରେ କହିଥିଲେ । ପ୍ରଫେସର ନିହାରିକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ର ସଂସଦ ସଭାପତି ଆଶିଷ କୁମାର ମିଶ୍ର ଓ ସମ୍ପାଦକ କାହ୍ନୁ ଚରଣ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରି ଆଗେଇ ନେଇଥିବାବେଳେ ପ୍ରଫେସର ଜି କେ ରଥ ସଦସ୍ୟ ଏ ଇ ଆର ବି, ପୂର୍ବତନ ନିର୍ଦ୍ଦେଶକ ଏନ ସି ଆଇ ଝଜ୍ଜର ଭାରତରେ କର୍କଟ ନିୟନ୍ତ୍ରଣ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ, ଏବଂ ଡକ୍ଟର ପଙ୍କଜ ଚତୁର୍ବେଦୀ ହସ୍ପିଟାଲରେ



କାର୍ଯ୍ୟରତ କର୍ମଚାରୀଙ୍କ ଜରୁରୀ ଉପାଦାନ - ଅସ୍ତିତ୍ୱରୁ ଉତ୍କର୍ଷତା ପର୍ଯ୍ୟନ୍ତ ଏବଂ.. କିପରି ଗବେଷଣା କର୍କଟ ଚିକିତ୍ସାରେ ଏକ ବଡ଼ ପରିବର୍ତନ ଆଣିପାରେ ଏବଂ ଯେକୌଣସି ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ କରାଯାଇପାରିବ ସେ ବିଷୟରେ କହିଥିଲେ ।ଡକ୍ଟର ଭାରତ ଭୂଷଣ ସତପଥୀଙ୍କ ସଂଯୋଜନାରେ କର୍କଟ ରୋଗରେ ସାମ୍ପ୍ରତିକ ଉନ୍ନତି ଉପରେ ଏକ ପ୍ୟାନେଲ ଆଲୋଚନା ହୋଇଥିଲା । ଏଥି ସହିତ ଡକ୍ଟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ରଙ୍ଗୋଲି, କୁଇଜ୍, ମ୍ୟୁଜିକ ଚେୟାର ଓ କ୍ରିକେଟ ଇତ୍ୟାଦି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପିଲାମାନଙ୍କୁ ପୁରସ୍କାର ପ୍ରଦାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

**AFFIDAVIT**

By virtue of an affidavit sworn before Tahasildar-Cum-Executive Magistrate, Balasore dated 24.04.2026, I, Sri Bijay Kumar Sahoo, aged about 41 years Son of Late Harekrushna Sahoo, At- Madhusudanpur, Po- Sindhia, PS- Sadar, Dist- Balasore declare that I have changed my name from Tapan Sahoo, S/o- Harekrushna Sahoo to Bijay Kumar Sahoo. Henceforth, I shall be known as Bijay Kumar Sahoo for all purposes.

**Sd/-**
**Bijay Kumar Sahoo**

# ପଦସ୍ଥ ଅଧିକାରୀଗଣଙ୍କ ପ୍ରତିଶୃତି ପରେ ଧାରଣା ସ୍ଥଗିତ

ବୈଶିଙ୍ଗା(ନିପ୍ର): ସ୍ଥାନୀୟ ଚଣ୍ଡୀ ମନ୍ଦିର ଛକରେ ଗତିରୋଧକ ହମ୍ପସ ନିର୍ମାଣ, ଗତି ନିୟନ୍ତ୍ରକ ସାଇନ ବୋର୍ଡ ଲଗାଇବା, ସିସିଟିଭି କ୍ୟାମେରା ଲଗାଇବା ସହ ଦୀର୍ଘ ବର୍ଷର ଅଚଳ ବିଦ୍ୟୁତ ହାଇମାଷ୍ଟ ଆଲୋକକୁ କାର୍ଯ୍ୟକ୍ଷମ ଦାବିରେ ସିଭିଲ ସୋସାଇଟି ଧାରଣା ଦେଇଥିଲା । ସୋସାଇଟିର କାର୍ଯ୍ୟକାରୀ ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସାଧାରଣ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ନେତୃତ୍ୱ ତଥା ଯୁଗ୍ମ ସା: ସଂପାଦକ ରବୀନ୍ଦ୍ରନାଥ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ଅପ୍ରେଲ ୨୩ ଓ ୨୪ ତାରିଖ ଦୁଇଦିନ ଧରି ଚଣ୍ଡୀ ଛକ ଠାରେ ଅନୁଷ୍ଠିତ ଗଣ ଧାରଣାରେ ଦୈନିକ ଶତାଧିକ ସ୍ୱେଚ୍ଛାସେବୀ, ସମାଜ ସେବୀ, ରାଜନୈତିକ ନେତୃବୃନ୍ଦ, ବୁଦ୍ଧିଜୀବୀ, ସାମ୍ବାଦିକ, ଶିକ୍ଷାବିତ ଗଣ ଧାରଣାରେ ଯୋଗ ଦେଇ ଦାବିଗୁଡ଼ିକୁ ସମର୍ଥନ ଜ୍ଞାପନ କରିଥିଲେ । ଦ୍ୱିତୀୟ ଦିବସରେ ନାରୀନେତ୍ରୀ ମାଧବୀ ସେନାପତି, ରାଜନେତା ଯାମିନୀ କାନ୍ତ ନାଏକ, ମୟୂର ସାହିତ୍ୟର ସଭାପତି ଭାସ୍କର ଚନ୍ଦ୍ର ଦ୍ୱିବେଦୀ ଓ ସଂପାଦକ ଯତୀନ୍ଦ୍ରନାଥ ସାହୁ, ବରିଷ୍ଠ ନାଗରିକ ଗୌତମ ଚନ୍ଦ୍ର ବେହେରା, କବିସଂଗମ ସଭାପତି ବାସୁଦେବ ନାପିତ, ସମାଜ ସେବୀ ପ୍ରକାଶ ବେହରା , ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଦାବିପ୍ରତି ସମର୍ଥନ ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ସ୍ଥାନୀୟ ବିଡ଼ିଓ ସୁଶାନ୍ତ କୁମାର ସୁତାର, ଥାନା ଭାରପ୍ରାପ୍ତ ଅଧିକାରୀ କ୍ରିଷ୍ଣା ପିଙ୍ଗୁଆ ଓ ପୂର୍ତ୍ତ ବିଭାଗ ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅରବିନ୍ଦ ମହାନ୍ତି ଧାରଣା ସ୍ଥଳକୁ ଯାଇ ସମସ୍ତ ଦାବି ଯୁକ୍ତିଯୁକ୍ତ ଓ ଜନହିତକାରୀ ବର୍ଣ୍ଣନା କରି ଅବିଳମ୍ବେ ସେସବୁ ପୂରଣର ନିର୍ଭର ପ୍ରତିଶୃତି ଦେଇଥିଲେ । ସଂପାଦକ ଶ୍ରୀମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ସହ ଧାରଣା ଆପାତତଃ ସ୍ଥଗିତ ରଖାଯିବାର ଘୋଷଣା କରିଥିଲେ ।

**ଶ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଜାତୀୟ ସଂସ୍କୃତି ବିଶ୍ୱବିଦ୍ୟାଳୟ**
**(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ)**
**ଇ-୪, କୁତାବ ପ୍ରତିଷ୍ଠାନ କ୍ଷେତ୍ର, ନୂଆଦିଲ୍ଲୀ-୧୧୦୦୧୬**

ବିଶ୍ୱବିଦ୍ୟାଳୟ ବିଭିନ୍ନ ବର୍ଗର ଅଣଶିକ୍ଷକ ପଦବୀରେ ନିୟମିତ ନିଯୁକ୍ତି ପାଇଁ ଅନଲାଇନ୍ ଆବେଦନ ଆମନ୍ତ୍ରଣ କରୁଛି । ବିବରଣୀ ପାଇଁ, ଦୟାକରି ବିଶ୍ୱବିଦ୍ୟାଳୟ ୱେବସାଇଟ୍ **https://www.slbsrsv.ac.in** ପରିଦର୍ଶନ କରନ୍ତୁ ।

ଅନଲାଇନ୍ ଆବେଦନ ଗ୍ରହଣର ଶେଷ ତାରିଖ ହେଉଛି ୨୧.୦୫.୨୦୨୬ ।

cbc 21371/11/0001/2627
ସ୍ୱା/-
କୁଳସଚିବ

# ସରକାରୀ ଆକାଉଂଟରୁ ୨.୨୬ କୋଟି ଟଙ୍କା ଲୁଟି ନେଇଛନ୍ତି ଠକ

ବେତନଟୀ(ନିପ୍ର): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଅଂଚଳରେ ଏକ ବଡ଼ ଧରଣର ବ୍ୟାଙ୍କ ଠକେଇ ଘଟଣା ସାମ୍ନାକୁ ଆସିଛି । ବେତନଟୀ ପଂଚାୟତ ସମିତି ନାମରେ ଥିବା ଦୁଇଟି ବ୍ୟାଙ୍କ ଆକାଉଂଟରୁ ମୋଟ ୨ କୋଟି ୨୬ ଲକ୍ଷ ଟଙ୍କା ଅଜଣା ଠକମାନେ ଇ-ବ୍ୟାଙ୍କିଂ ମାଧ୍ୟମରେ ୨୮ଟି ଭିନ୍ନ ଆକାଉଂଟକୁ ଟ୍ରାନ୍ସଫର କରିନେଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ସ୍ଥାନୀୟ ପ୍ରଶାସନ ଓ ପୋଲିସର ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ଅଭିଯୋଗ ଅନୁଯାୟୀ, ଗତ ମାର୍ଚ୍ଚ ୨୪ ତାରିଖରେ ଜଣେ ଅଣ-ଓଡିଆ ବ୍ୟକ୍ତି ନିଜକୁ ବେତନଟୀ ବ୍ଲକର ବିଡିଓଙ୍କ ପ୍ରତିନିଧି ବୋଲି ପରିଚୟ ଦେଇ ବେତନଟୀର ୟୁକ ବ୍ୟାଙ୍କ ଶାଖାରେ ପହଂଚିଥିଲେ । ସେ ବେତନଟୀ ପଂଚାୟତ ସମିତି କାର୍ଯ୍ୟାଳୟର ନାମରେ ତିଆରି ହୋଇଥିବା ଏକ ଆବେଦନପତ୍ର ଦାଖଲ କରିଥିଲେ, ଯେଁଉଥୀରେ ବେତନଟୀ ବିଡିଓ ସୁଶାନ୍ତ କୁମାର ସୁତାରଙ୍କ ଦସ୍ତଖତ ଓ ଅଧିକାରିକ ସିଲ ଥିବା ଦେଖାଯାଉଥିଲା । ସେହି ଆବେଦନପତ୍ରରେ ଦୁଇଟି ସରକାରୀ ଆକାଉଂଟରେ ମୋବାଇଲ ନମ୍ବର ଓ ଇ-ମେଲ ଆଇଡି ଅପଡେଟ କରିବାକୁ ଅନୁରୋଧ କରାଯାଇଥିଲା । ତା ପରଦିନ, ଅର୍ଥାତ୍ ମାର୍ଚ୍ଚ ୨୫ ତାରିଖରେ, ସେହି ବ୍ୟକ୍ତି ପୁଣିଥରେ ବ୍ୟାଙ୍କକୁ ଆସି ଆଉ ଗୋଟିଏ ଆବେଦନପତ୍ର ଦାଖଲ କରିଥିଲେ । ଏଥିରେ ଇ-ବ୍ୟାଙ୍କିଂ ସୁବିଧା ପାଇଁ ୟୁଜର ଆଇଡି ଓ ପାସୱାର୍ଡ ଇସ୍ୟୁ କରିବାକୁ ଅନୁରୋଧ ଥିଲା । ଏହି ଆବେଦନପତ୍ରରେ ମଧ୍ୟ ବିଡିଓ ଶ୍ରୀ ସୁତାରଙ୍କ ଦସ୍ତଖତ ଓ ସିଲ ଥିବା ଦେଖା ଯାଇଥିଲା । ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଆବେଦନପତ୍ରକୁ ସତ୍ୟ ବୋଲି ଧରି ଆବଶ୍ୟକ ପ୍ରକ୍ରିୟା ପୂରଣ କରିଥିଲେ । ପରେ ଅଭିଯୁକ୍ତ ଇ-ବ୍ୟାଙ୍କିଂ ଆକ୍ସେସ୍ ପାଇବା ସହିତ, ଦୁଇଟି ସରକାରୀ ଆକାଉଂଟରୁ ପର୍ଯ୍ୟାୟକ୍ରମେ ମୋଟ ୨ କୋଟି ୨୬ ଲକ୍ଷ ଟଙ୍କାକୁ ୨୮ଟି ଭିନ୍ନ ଆକାଉଂଟକୁ ଟ୍ରାନ୍ସଫର କରିଦେଇଥିଲା । ଏହି ବଡ଼ ଧରଣର ଅର୍ଥ ହେରଫେର ଘଟଣାକୁ ୟୁକ ବ୍ୟାଙ୍କ କର୍ତ୍ତୃପକ୍ଷ ତୁରନ୍ତ ଧରି ପାରିନଥିଲେ । ଗତ ଏପ୍ରିଲ୍ ୨୧ ତାରିଖରେ ବେତନଟୀ ବ୍ଲକ କର୍ତ୍ତୃପକ୍ଷ ଆକାଉଂଟ ଯାଂଚ ସମୟରେ ଏହି ଅତିରିକ୍ତ ଟ୍ରାନ୍ଜାକ୍ସନ ବିଷୟରେ ଜାଣିବାକୁ ପାଇଥିଲେ । ପରେ ଘଟଣା ସମ୍ପର୍କରେ ବ୍ୟାଙ୍କ ମ୍ୟାନେଜର ଅର୍ପିତା ପାଲଙ୍କ ଦ୍ୱାରା ବେତନଟୀ ପୋଲିସ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା । ପୁଲିସ ପ୍ରାରମ୍ଭିକ ତଦନ୍ତରେ ଜାଣିପାରିଛି ଯେ ଆବେଦନପତ୍ରରେ ବ୍ୟବହୃତ ସିଲ ଓ ଦସ୍ତଖତ ସବୁ ନକଲି ଥିଲା । ଠକମାନେ ଯୋଜନାବଦ୍ଧ ଭାବରେ ପ୍ରଥମେ ଆକାଉଂଟର ସଂପର୍କିତ ସୂଚନା ଅପଡେଟ କରି, ପରେ ଇ-ବ୍ୟାଙ୍କିଂ ଆକ୍ସେସ୍ ନେଇ ଏହି ଅର୍ଥ ହେରଫେର କରିଥିବା ସନ୍ଦେହ କରାଯାଉଛି । ଏହି ଘଟଣା ପରେ ବେତନଟୀ ପୋଲିସ ମାମଲା ଏକ ଠକେଇ ମାମଲା ରେଜିଷ୍ଟର କରି ତଦନ୍ତ ଆରମ୍ଭ କରିଛି । ସମ୍ପୃକ୍ତ ବ୍ୟାଙ୍କର ସିସିଟିଭି ଫୁଟେଜ୍, ଟ୍ରାନ୍ଜାକ୍ସନ ରେକର୍ଡ ଓ ଅନ୍ୟାନ୍ୟ ଡିଜିଟାଲ୍ ପ୍ରମାଣ ସଂଗ୍ରହ କରାଯାଉଛି । ଏହା ସହିତ ଯେଉଁ ୨୮ଟି ଆକାଉଂଟକୁ ଟଙ୍କା ଟ୍ରାନ୍ସଫର ହୋଇଛି, ସେଗୁଡିକର ଟ୍ରାକିଂ ମଧ୍ୟ ଆରମ୍ଭ ହୋଇଛି । ଅନ୍ୟପଟେ, ବ୍ୟାଙ୍କ ପକ୍ଷରୁ ଦାବି କରାଯାଇଛି ଯେ ଟଙ୍କା ସୁରକ୍ଷିତ ରହିଛି ଓ ଏହାକୁ ଫେରାଇବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ବେତନଟୀ ବ୍ଲକ ପକ୍ଷରୁ ମଧ୍ୟ ଏହି ଘଟଣାକୁ ଗୁରୁତ୍ୱ ସହକାରେ ନିଆଯାଇଛି ବୋଲି ସୂଚନା ମିଳିଛି । ବେତନଟୀରେ ଘଟିଥିବା ଏହି ବଡ଼ ଧରଣର ବ୍ୟାଙ୍କ ଠକେଇ ଘଟଣା ସରକାରୀ ଆର୍ଥିକ ବ୍ୟବସ୍ଥା ଓ ବ୍ୟାଙ୍କର ସୁରକ୍ଷା ବ୍ୟବସ୍ଥା ଉପରେ ଦୃଢ ପ୍ରଶ୍ନ ଉଠାଉଛି । ନକଲି ଦସ୍ତଖତ ଓ ସିଲ ଆଧାରରେ ଏତେ ବଡ଼ ଟ୍ରାନ୍ଜାକ୍ସନ ହେବା ୟୁକ ବ୍ୟାଙ୍କର ସୁରକ୍ଷା ଜନିତ ତ୍ରୁଟିକୁ ସ୍ପଷ୍ଟ କରୁଛି । ତଦନ୍ତ ପରେ ଏହି ଘଟଣାର ସମ୍ପୂର୍ଣ୍ଣ ପର୍ଦାଫାଶ ହେବା ସହିତ ଦୋଷୀମାନଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶା କରାଯାଉଛି । ସେଥିପାଇଁ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟମାନେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ା କରିବା ଆବଶ୍ୟକ ବୋଲି ବୁଦ୍ଧି ଯିବି ମହଲରେ ଆଲୋଚନା ହେଉଛି ।

No. 32001/121/2627


**GOVT. OF ODISHA**
**OFFICE OF THE SUPERINTENDING ENGINEER**
**BALASORE IRRIGATION DIVISION, BALASORE**
**e-Mail id. eebid1234@gmail.com**
**'e'-Procurement Notice No. SEBID 01 of 2026-27**

| | | | |
|---|---|---|---|
| 1. | Procurement Officer | : | Superintending Engineer, Balasore Irrigation Division, Balasore |
| 2. | Total No. of Work | : | 01(ONE) No. of Work |
| 3. | Estimated Cost | : | Rs.49.00 lakh approximately (details can be seen in the DTCN of bid documents of the respective works) |
| 4 | Class of Contractor | : | (Details can be seen in the DTCN of bid documents of the respective works) |
| 5 | Bid Security | : | Details can be seen in the DTCN of bid documents of the respective works. |
| 6 | Period of completion | : | Details can be seen in the DTCN of bid documents respective works. |
| 7. | Date & Time of Availability of Bid: Documents in the Portal for On-line bidding | : | From dt 04.05.2026, 10.00 hours to 14.05.2026, up to 17.00 hours |
| 8. | Last date/ Time for receipt of Bid only in online | : | 14.05.2026 up to 17.00 hours |
| 9 | Date/ Time of Opening Technical & Financial Bid | : | 15.05.2026 at 11.00 hours onwards at Office of the Superintending Engineer, Balasore Irrigation Division, Balasore. |
| 10. | e-mail Id | : | eebid1234@gmail.com |

Further details can be seen from the "e" Procurement Portal http: // tendersodisha.gov.in

Sd/-
Superintending Enginner,
Balasore Irrigation Division,
Balasore


OIPR. 32001/32110/1/26-27/0001





ଅସମ୍ଭବ ବୋଲି କିଛି ନାହିଁ ଯାହାକି ଭଗବାନଙ୍କ ନାମ ଦ୍ୱାରା ଲାଭ କରାଯାଇ ପାରିବ ନାହିଁ ।

# ଆଜିକାଲି



ଯାବାନର୍ଥ ଉଦ୍‌ପାନେ ସର୍ବତଃ ସଂପ୍ଲୁତୋଦକେ
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ସବୁ ଦିଗରୁ ପରିପୂର୍ଣ୍ଣ ଜଳାଶୟଟିଏ ପାଇଗଲେ ଛୋଟ ଜଳାଶୟରେ ମନୁଷ୍ୟର ଯେତିକି ପ୍ରୟୋଜନ ରହେ, ବ୍ରହ୍ମଜ୍ଞାନ ଲାଭ କରିଥିବା ବ୍ରାହ୍ମଣଙ୍କର ସମସ୍ତ ବେଦରେ ସେତିକି ପ୍ରୟୋଜନ ରହିଥାଏ ।

## ପରିବେଶ ସୁରକ୍ଷା ଜରୁରୀ

ତଥାକଥିତ ଭାବେ ମଣିଷ ଯେପରି 'ସୁଅ ମୁହଁରେ ପତର' ଭଳି ଅର୍ଥାତ୍ ଅସହାୟ ହୋଇପଡ଼ିଛି । କାରଣ ପରିବେଶ ଭୟାନକ ଭାବେ ଯେପରି ଦୂଷିତ ହୋଇପଡ଼ିଛି । ଅଙ୍ଗାରକାମ୍ଳ ବୃଦ୍ଧି ପାଉଥିବା ବେଳେ ଅମ୍ଳଜାନ ସ୍ତର ଯେପରି କମି କମି ଆସୁଛି । ଜନସଂଖ୍ୟା ବୃଦ୍ଧି ସହିତ ପରିବେଶ ପ୍ରଦୂଷଣ ଦ୍ରୁତ ଗତିରେ ବଢ଼ିଚାଲିଛି । ପ୍ଲାଷ୍ଟିକରେ ତିଆରି କରାଯାଉଥିବା ବିଭିନ୍ନ ସାମଗ୍ରୀର ବ୍ୟବହାର, ବିଭିନ୍ନ କଳକାରଖାନାରୁ ନିର୍ଗତ ହେଉଥିବା ନିର୍ଗତ ବିଷାକ୍ତ ବର୍ଜ୍ୟବସ୍ତୁ, ପେଟ୍ରୋଲ ଚାଳିତ ଯାନବାହନ ଓ ଫସଲ କିଆରୀ ନିଆଁ ଯୋଡ଼ି ସହ ସହର କିମ୍ବା ଗ୍ରାମାଂଚଳ ନିକଟସ୍ଥ ଜଙ୍ଗଲ ପୋଡ଼ିର ଧୂଆଁ ସହିତ ଅଧିକ ଅମଳ ପାଇଁ କୃଷି କ୍ଷେତ୍ରରେ ବ୍ୟବହୃତ ରସାୟନିକ ସାର ଓ କୀଟନାଶକ ପ୍ରଭାବରୁ ମାଟି, ପାଣି, ପବନ ସବୁଠାରୁ ଯେପରି ପ୍ରଦ୍ୟୁଷଣ ବଢ଼ିଚାଲିଛି । ପରିବେଶକୁ ପ୍ରଦ୍ୟୁଷଣ ମୁକ୍ତ ରଖିବା ପାଇଁ ସରକାର ଅନେକ ପଦକ୍ଷେପ ଓ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଥିଲେ ମଧ୍ୟ ଜଂଗଲ କ୍ଷୟ ଏବଂ ଆଧୁନିକ ଜୀବନ ଶୈଳୀର କୁପ୍ରଭାବ ପରିସ୍ଥିତିକୁ ଅଧିକ ଜଟିଳ କରିବାରେ ଲାଗିଚି । ଏହି କୁପ୍ରଭାବ ସମ୍ପର୍କରେ ବୃଦ୍ଧିଜୀବି ତଥା ସାଧାରଣ ଜନତା ଜାଣୁଥିଲେ ମଧ୍ୟ କିପରି ଏହି ସମସ୍ୟାକୁ ସମାଧାନ କରାଯିବ ସେଥିପ୍ରତି ନଜର ଦେଉ ନଥିବା ପରିତାପର ବିଷୟ । ସରକାରଙ୍କୁ ଦୋଷ ଦେବା ପୂର୍ବରୁ ଆମେ ସମସ୍ତେ କ'ଣ ଏହାର ମୁକାବିଲା କରିପାରିବା ନାହିଁକି ? ଦେଖାଯାଇଛି ଅନେକ କ୍ଷେତ୍ରରେ ସବୁଜ ବନାନୀ ଓ କୃଷି କ୍ଷେତକୁ କବର ଦିଆଯାଇ ତା ଉପରେ ବିମାନ ବନ୍ଦର । ରେଳପଥ ଓ ନୂତନ ରାସ୍ତା ନିର୍ମାଣ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି । ଏହାଦ୍ୱାରା ପ୍ରାକୃତିକ ପରିବେଶ ନଷ୍ଟ ହେବା ସହ ପ୍ରଦୂଷଣ ମଧ୍ୟ ବୃଦ୍ଧି ପାଉଛି । ଏହାଛଡ଼ା ବେଆଇନ ଭାବେ ଗଢ଼ି ଉଠିଥିବା ଇଟାଭାଟି, ବର୍ଷ ବର୍ଷ ଧରି ଇଟାଭାଟି ମାଲିକ ମାନଙ୍କ ଦ୍ୱାରା କୌଣସି ପ୍ରମାଣପତ୍ର ନନେଇ ଖୋଲାଖୋଲି ଭାବେ ବେପାର ଚଳାଇଥିବା ଇଟା କାରବାର ତଦ୍ୱାରା ଚିମନି ଇଟାଭାଟିର ଧୂଆଁରେ ଆକାଶ ଧୂଆଁମୟ ହେବା ପ୍ରଦୂଷଣର ଅନ୍ୟଏକ ନମୁନା । ବାୟୁ ପ୍ରଦୂଷଣ ପ୍ରତିହତ କରିବାକୁ ଜଳିଲ୍ଲା ପ୍ରଶାସନ ଦ୍ୱାରା କଟକଣା ଥିବା ସତ୍ତ୍ୱେ ତାହା ଯେପରି ବାଟବଣା ମନେ ହେଉଛି । ତୁରନ୍ତ ପ୍ରଶାସନ ପକ୍ଷରୁ ମଧ୍ୟ ଏ ଦିଗରେ ଦୃଷ୍ଟିଦେବା ତଥା ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି ଦିଗରେ ଚେଷ୍ଟିତ ହେବା ନିହାତି ଜରୁରୀ ।

## ଅକୁହା ପ୍ରଶ୍ନ

◆ ରାମଚନ୍ଦ୍ର ବେହେରା

କେବେ ପ୍ରଶ୍ନଟିଏ ଜାଗିଉଠେ ମନେ
ନଥାଏ ତା'ର ଉତର
ଉତର ପ୍ରୟାସେ ପରାଣକୁ ଆସେ
ଅନ୍ୟର ମନ୍ଦ ବିଚାର ।
ଅନ୍ୟ ଖୁସିଦେଖି ହୃଦୟରେ କାହିଁ
ଅବସାଦ ଯାଏ ଭରି
ଜୀବନ ପଥରେ ପଡିଗଲେ କିଏ
କାହିଁ ହସ କିରିକିରି
ଏ ପ୍ରଶ୍ନକୁ ତୁମେ କଲେ ସମାଧାନ
ସମ୍ପର୍କ ହେବ ମଧୁର ।
ଅନ୍ୟ ଦୁଃଖ ଦେଖି ବୋଝର ନଳିତା
କାହିଁ ଦିଅ ତୁମେ ଲଦି
ଉଚ୍ଚ ପଦାସନେ କାହାକୁ ଦେଖିଲେ
କାହିଁ ଟାଣ ତା'ର ଗଦି
ନିଜର ଈର୍ଷାକୁ ପରଖିବ ଯଦି
ସର୍ବେ ହେବେ ଆପଣାର ।
ଅନ୍ୟର ପ୍ରଂଶସା ଯେ କରଇ ନିତି
ସେହି ମଣିଷରେ ସାର
ଅକୁହା ପ୍ରଶ୍ନର ଉତର ମିଳଇ
ଆସେ ଖୁସି ପଟୁଆର
ଧର୍ମକୁ ଆଦରି ଚାଲ ସୁଧିଜନେ
ଦୂରେଇ ବାଛ ବିଚାର ।

*ତେନ୍ତୁଳିପଦା, ଜଗତସିଂହପୁର, ମୋ-୭୩୫୫୬୩୪୩୪୬*

# ସୀତା ନବମୀ ଓ ଭାରତୀୟ ସଂସ୍କୃତିରେ ସୀତାଙ୍କ ସ୍ଥାନ

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା




ବୈଶାଖ ମାସ ଶୁକ୍ଳପକ୍ଷ ନବମୀକୁ ସୀତା ନବମୀ କୁହାଯାଇଥାଏ । ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଦିନ ମାତା ସୀତା ପ୍ରକଟ ହୋଇ ଥିଲେ । ଏହି ପର୍ବକୁ ଜାନକୀ ନବମୀ ମଧ କୁହାଯାଇ ଥାଏ । ଶାସ୍ତ୍ରାନୁଯାୟୀ ବୈଶାଖ ମାସ ଶୁକ୍ଳପକ୍ଷ ନବମୀ ଦିନ ପୁଷ୍ୟ ନକ୍ଷତ୍ରରେ ରାଜା ଜନକ ସନ୍ତାନ ପ୍ରାପ୍ତି କାମନା କରି ଯଜ୍ଞଭୂମି ପ୍ରସ୍ତୁତ କରୁଥିଲେ । ଭୂମିରେ ହଳ ଚଳାଇବା ସମୟରେ ଭୂତଳରୁ ଏକ ବାଳିକା ପ୍ରକଟ ହେଲେ । ଜୋଟା ଯାଇଥିବା ହଳଲଙ୍ଗଳରେ ଲାଗିଥିବା ଲୁହାର ମୁନିଆ ଅଂଶକୁ ସୀତା କୁହାଯାଇଥାଏ । ସେଥିପାଇଁ ବାଳିକାଙ୍କ ନାମ ସୀତା ରଖାଗଲା । ଏହି ଦିନ ବୈଷ୍ଣବ ସମ୍ପ୍ରଦାୟର ଭକ୍ତମାନେ ବ୍ରତ ରଖି ମାତା ସୀତାଙ୍କ ପୂଜା କରିଥାନ୍ତି । ଏହି ଦିନ ବ୍ରତ ରଖି ଭଗବାନ ଶ୍ରୀରାମଙ୍କ ସହ ମାତା ସୀତାଙ୍କ ବିଧିବିଧାନ ଅନୁଯାୟୀ ପୂଜା କରୁଥିବା ଭକ୍ତକୁ ଭୂମିଦାନ, ଷୋହଳ ମହାଦାନ ଏବଂ ସମସ୍ତ ତୀର୍ଥ ଦର୍ଶନର ପୂଣ୍ୟ ପ୍ରାପ୍ତି ହୋଇ ଥାଏ । ଶ୍ରୀରାମଙ୍କ ଜୀବନସଙ୍ଗିନୀ ମାତା ସୀତାଙ୍କ ବିଷୟରେ ରାମାୟଣରେ ବିଶେଷ ଭାବେ ବର୍ଣ୍ଣନା କରାଯାଇଛି । ଦେବୀ ସୀତା ମିଥିଳାର ରାଜା ଜନକଙ୍କ ଜ୍ୟେଷ୍ଠା କନ୍ୟା ଥିଲେ । ତାଙ୍କର ବିବାହ ଅଯୋଧ୍ୟାର ରାଜା ଦଶରଥଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀରାମଙ୍କ ସହିତ ହୋଇଥିଲା । କୁହାଯାଏ ଯେ ସ୍ୱୟଂବରରେ ଦେବୀ ସୀତା ଶିବଧନୁ ଭାଙ୍ଗିଥିବା ଶ୍ରୀରାମଙ୍କୁ ବରଣ କରିଥିଲେ । ଜଣେ ଆଦର୍ଶ ନାରୀ ଏବଂ ପତିବ୍ରତା ଧର୍ମ କାରଣରୁ ସେ ଜଗତରେ ସମ୍ମାନ ପାଇଥିଲେ । ତ୍ରେତାଯୁଗରେ ତାଙ୍କୁ ଦେବୀ ଲକ୍ଷ୍ମୀଙ୍କ ଅବତାର ବୋଲି କୁହାଯାଏ । ରାମାୟଣରେ ବର୍ଣ୍ଣନା ରହିଛି ଯେ ଥରେ ମିଥିଳାର ରାଜା ଜନକ କ୍ଷେତରେ ହଳ ଚଳାଉ ଥିଲେ ଏହି ସମୟରେ ତାଙ୍କ ଲଙ୍ଗଳର ମୁନ କେଉଁଠି ଏକ ସ୍ଥାନରେ ଅଟକି ଗଲା । ଲଙ୍ଗଳର ମୁନିଆ ଭାଗକୁ ମୈଥିଳୀ ଭାଷାରେ ସୀତ କୁହାଯାଏ । ଏହି କାରଣରୁ ଜନକ ନିଜର ପୁତ୍ରୀର ନାମ ସୀତା ରଖିଥିଲେ । ରାଜା ଜନକ ଏବଂ ରାଣୀ ସୁନୟନାଙ୍କ ଦ୍ୱାରା ସେ ଲାଳିତ ପାଳିତ ହୋଇଥିଲେ । ଦେବୀ ସୀତା ଭୂଦେବୀଙ୍କ କନ୍ୟା ବୋଲି ମଧ ରାମାୟଣରେ ଉଲ୍ଲେଖ ରହିଛି । ଜନକଙ୍କ କନ୍ୟା ହୋଇଥିବାରୁ ସେ ଜାନକୀ, ଜାନକାତ୍ମଜା ତଥା ଜନକସୁତା ନାମରେ ପରିଚିତା । ମିଥିଳାର ରାଜକୁମାରୀ ହୋଇଥିବାରୁ ତାଙ୍କୁ ମୈଥିଳୀ ମଧ କୁହାଯାଏ । ଦେବୀ ସୀତା ବିଦେହ ନରେଶଙ୍କ କନ୍ୟା ହୋଇଥିବାରୁ ବୈଦେହୀ ନାମରେ ମଧ ପୂଜା ପାଇଥାନ୍ତି । ଭୂମିରୁ ପ୍ରାପ୍ତ ହୋଇଥିବା କାରଣରୁ ସେ ଭୂମିପୁତ୍ରୀ ବା ଭୂସୂତା ନାମରେ ମଧ ପରିଚିତ ଥିଲେ । ମାତା ସୀତାଙ୍କୁ ଦେବୀଙ୍କ ରୂପରେ ଭାରତରେ ପୂଜା କରାଯାଇଥାଏ । ସେ ମାତା ଲକ୍ଷ୍ମୀଙ୍କ ଅବତାର ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି । ମହାକାବ୍ୟ ରାମାୟଣରେ ପ୍ରଭୁ ଶ୍ରୀରାମଙ୍କୁ ଯେତିକି ଗୁରୁତ୍ୱ ଦିଆଯାଇଛି ମାତା ସୀତାଙ୍କର ମଧ ସେତିକି ଗୁରୁତ୍ୱ ରହିଛି । ରାମାୟଣରେ ପ୍ରାୟତଃ ପ୍ରଭୁ ଶ୍ରୀରାମଙ୍କ ଜୀବନ କାହାଣୀ ଏବଂ କାର୍ଯ୍ୟର ବର୍ଣ୍ଣନା କରାଯାଇଛି । ତେବେ କେତେକ ସ୍ଥାନରେ ଦେବୀ ସୀତାଙ୍କ ବିଷୟରେ ବିସ୍ତୃତ ବର୍ଣ୍ଣନା ରହିଛି । ସୀତା ମାତା ତାଙ୍କର ପତିବ୍ରତ, ଦୃଢ଼ ସଂକଳ୍ପ, ସାହସିକତା, ସମର୍ପଣ, ଉଦାରତା, ଜ୍ଞାନ ପାଇଁ ପରିଚିତ ଥିଲେ । ଜୀବନରେ ଅନେକ ଝଡ଼ଝଞ୍ଜାର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ତାଙ୍କର ମନୋବଳ ଅତ୍ୟନ୍ତ ସୁଦୃଢ଼ ଥିଲା । ରାମାୟଣରେ ମାତା ସୀତାଙ୍କ ବିଷୟରେ ଯେଉଁ କେତେକ ସ୍ଥାନରେ ବର୍ଣ୍ଣନା ରହିଛି ସେଥିରୁ ମାତାଙ୍କର ଜ୍ଞାନ, ବୁଦ୍ଧି ଏବଂ ବିବେକର ପରିଚୟ ମିଳିଥାଏ । ବନବାସ କାଳରେ ଶ୍ରୀରାମ ଅନେକ ଅସୁରମାନଙ୍କର ବିନାଶ କରି ଥିବା ମାତା ସୀତା ଦେଖିଲେ । ଶ୍ରୀରାମଙ୍କ ଦ୍ୱାରା କୌଣସି ନିରୀହ ପ୍ରାଣୀ ଯେପରି ମୃତ୍ୟୁବରଣ ନକରେ ସେଥିପାଇଁ ମାତା ଚିନ୍ତା ପ୍ରକଟ କରିଥିଲେ । ଶ୍ରୀରାମ ଏହି ସମୟରେ ତାଙ୍କୁ ବଚନ ଦେଇଥିଲେ ଯେ ଅକାରଣରେ ଏବଂ ବିନା ଆହ୍ୱାନରେ ସେ କେବେହେଲେ କାହାରିକୁ ମାରିବେ ନାହିଁ । ରାବଣ ଯେତେବେଳେ ଭିକ୍ଷୁ ବେଶରେ ମାତା ସୀତାଙ୍କୁ ଅପହରଣ କରିବାକୁ ଆସିଲା, ମାତା ସୀତା ତାର ଏପରି ବେଶ ଦେଖି ଠଉରାଇ ନେଲେ । ସେ ରାବଣକୁ କହିଥିଲେ, ତୁମେ ତ ଭୀକ୍ଷୁକଙ୍କ ଭଳି ଦେଖା ଯାଉନାହିଁ । ଅର୍ଥାତ୍ ମାତାଙ୍କର ରାବଣର ପରିଚୟ ପ୍ରତି ସନ୍ଦେହ ଉତ୍ପନ୍ନ ହୋଇସାରିଥିଲା । ଏହାସତ୍ତ୍ୱେ ସେ ଅବତାର ଧର୍ମର ମର୍ଯ୍ୟାଦା ପାଳନ କରିବାକୁ ଯାଇ ଭିକ୍ଷା ଦେଇଥିଲେ । ତାଙ୍କର ଅପହରଣ ହେବା ସହିତ ରାବଣର ବିନାଶ ଲାଗି ମାର୍ଗପ୍ରଶସ୍ତ ହୋଇ ଥିଲା । ହନୁମାନ ଯେତେବେଳେ ଅଶୋକ ବାଟିକାରେ ମାତା ସୀତାଙ୍କୁ ଭେଟିଲେ ସେ ସଙ୍ଗେ ସଙ୍ଗେ ରାମ ସୀତାଙ୍କ ମିଳନ ପାଇଁ ଇଛା ବ୍ୟକ୍ତ କଲେ । ମାତ୍ର ସୀତା କହିଲେ, ସେ ଭୀରୁଙ୍କ ଭଳି ଲୁଚିକି ଲଙ୍କାରୁ ଯାଇପାରିବି ନାହିଁ । ଶ୍ରୀରାମ ଯୁଦ୍ଧ କରି ହିଁ ମୋତେ ଏଠାରୁ ନେଇଯିବେ । ଏହା କହି ସେ ହନୁମାନଙ୍କୁ ଫେରିଯିବା ଲାଗି କହିଥିଲେ । ଦେବୀ ସୀତାଙ୍କ ଚରିତ୍ର ବିଷୟରେ ମହାନ ଭାରତୀୟ ସନ୍ଥ ସ୍ୱାମୀ ବିବେକାନନ୍ଦ କହିଛନ୍ତି ଭାରତ ଏବଂ ବିଶ୍ୱର ଯେତେ ଗ୍ରନ୍ଥ ଖୋଜିଲେ ମଧ ହୁଏତ ଶ୍ରୀରାମଙ୍କ ଭଳି ଚରିତ୍ର ମିଳିଯାଇପାରନ୍ତି କିନ୍ତୁ ସୀତାଙ୍କ ଭଳି ଚରିତ୍ର ମିଳିବା ଅସମ୍ଭବ । ସୀତା ଭାରତର ପରିଚୟ, ସେ ଭାରତୀୟଙ୍କ ପାଇଁ ଆଦର୍ଶ ।

*ପିସି ସରକାର ଲେନ୍, ଅରୁଣୋଦୟ ନଗର, କଟକ*
*୯୪୩୭୧୦୩୧୨୫୩*

**ମ୍ୟାଲେରିଆ ଦିବସ**

# ମ୍ୟାଲେରିଆ ଓ ଯକୃତ

◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର




ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୨୨ରେ ହୋଇ ଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ମାଲେରିଆ ମୃତ୍ୟୁ ଏବଂ ପ୍ରଭାବ ରୋକିବା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଅନୁମୋଦନ ଲାଭ କରିଥିବା ଏହି ଦିବସରେ ବିଶ୍ୱବ୍ୟାପୀ ବିଭିନ୍ନ ପ୍ରକାର ସଚେତନତା ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥାଏ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବର୍ତିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି । ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ । ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ । ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ । ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ । ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ । ରକ୍ତରେ ଲିଭର ଏନଜାଇମ୍ସ ଗୁଡ଼ିକ ବଢ଼ିଯାଆନ୍ତି । ଲୋହିତ ରକ୍ତ କଣିକା ନଷ୍ଟ ହୁଏ । ଗ୍ଲୁକୋଜ-୬ ଫସ୍‌ଫେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ । ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ ଜଣ୍ଡିସ୍ ଦେଖାଦିଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଂଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଂଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଂଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଂଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି । ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇ ପାରିନାହିଁ । ୨୦୦୦ ମସିହାରୁ ୨୦୧୨ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୨୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଂଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି । ଶ୍ରୀଲଙ୍କା ମଧ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର । ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର । କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ । ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଂଚଳ ଅପେକ୍ଷା ସହରାଂଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି । ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍‌ସିତ ସୁଫଳ ମିଳି ନାହିଁ । ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।

*ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ : ୯୪୩୭୦୫୧୯୫୭*

## ଭିଟାମିନ୍-ବି



ଭାରତରେ ସର୍ବାଧିକ ମୃତ୍ୟୁର କାରଣ ହୃଦ୍‌ଘାତ । ଭିଟାମିନ୍-ବି' ଓ ହୃଦ୍‌ଘାତ ମଧ୍ୟରେ ସମ୍ପର୍କ ଥିବାର ନିକଟରେ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି । ଏହି ଅଧ୍ୟୟନର ରିପୋର୍ଟ ଆମେରିକାର ନ୍ୟୁରୋଲଜି ପତ୍ରିକାରେ ପ୍ରକାଶ ପାଇଛି । ଭିଟାମିନ୍-ବି'ର ଖୋରାକ ନେବା ପରେ ହୃଦ୍‌ଘାତ ଆଶଙ୍କା ଅନେକ ପରିମାଣରେ କମିଯାଉଥିବାର ଅଧ୍ୟୟନରେ ପ୍ରକାଶ ପାଇଛି । ଭିଟାମିନ୍-ବି' ଖୋରାକ ନେବା ଦ୍ୱାରା ଏହା ହୃଦ୍‌ଘାତ ଆଶଙ୍କାକୁ ବଢ଼ାଇ ଦେଇଥାଏ ବୋଲି ପୂର୍ବ ଅଧ୍ୟୟନଗୁଡ଼ିକରୁ ପ୍ରକାଶ ପାଇଥିଲା । ୧୪ଜଣ ଚିକିତ୍ସକ ୫୪,୯୧୩ଜଣ ଲୋକଙ୍କ ଉପରେ କରିଥିବା ଏକ ଅଧ୍ୟୟନରୁ ଏହି ତଥ୍ୟ ପ୍ରକାଶ ପାଇଛି । ତନ୍ମଧ୍ୟରୁ ୨,୪୭୧ ଜଣ ହୃଦ୍‌ଘାତରେ ଆକ୍ରାନ୍ତ ହୋଇଥିଲେ । ହୃଦ୍‌ଘାତରେ ଆକ୍ରାନ୍ତ ବ୍ୟକ୍ତି ଭିଟାମିନ୍-ବି' ଖୋରାକ ନେବା ପରେ ସେମାନଙ୍କର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିଲା ।


# ମ୍ୟାଲେରିଆର ମୂଳୋତ୍ପାଟନ

◆ ଡାକ୍ତର କାନ୍ତୀ ନାୟକ



ଆଜି ହେଉଛି ବିଶ୍ୱ ମ୍ୟାଲେରିଆ ଦିବସ । ପ୍ରତିବର୍ଷ ଏପ୍ରିଲ ୨୫ ତାରିଖରେ ଆନ୍ତର୍ଜାତୀୟ ସ୍ତରରେ ମ୍ୟାଲେରିଆ ନିରାକରଣ ଓ ସଚେତନତା ସୃଷ୍ଟି କରିବାକୁ ୱାର୍ଲ୍ଡ ହେଲଥ୍ ଅର୍ଗାନାଇଜେସନ ଦ୍ୱାରା ଏହା ପାଳିତ ହୁଏ । ଏହା ସହ ଏକ ଗ୍ଲୋବାଲ ଟେକିନିକାଲ ଷ୍ଟ୍ରାଟେଜୀ ଫର ମ୍ୟାଲେରିଆ ୨୦୧୬-୨୦୩୦କୁ ୨୦୧୫ରୁ ଲାଗୁ କରାଯାଇଛି । ରିପୋର୍ଟ ଅନୁଯାୟୀ ବିଶ୍ୱ ସ୍ତରରେ ୧୦୬ଟି ଦେଶର ୩.୩ କୋଟି ଲୋକଙ୍କୁ ମ୍ୟାଲେରିଆର ଆକ୍ରାନ୍ତ ହେବାର ଭୟ ଥାଏ । ୨୦୨୨ ମ୍ୟାଲେରିଆରେ ୮୯୧,୦୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା । ତେବେ ଏସିଆ, ଲାଟିନ୍ ଆମେରିକା ଏବଂ ୟୁରୋପର କିଛି ଅଂଚଳରେ ଏବେ ବି ମ୍ୟାଲେରିଆରେ ବହୁ ଲୋକ ପ୍ରାଣ ହରାଇଥାନ୍ତି । ଆଫ୍ରିକାନ୍ ଦେଶ ଗୁଡ଼ିକରେ ଏହାର ମାତ୍ରା ସବୁଠାରୁ ଅଧିକ । ମ୍ୟାଲେରିଆକୁ ବୁଝିବା ଓ ତାର କାରଣ ତଥା ଏହାର ସଚେତନତା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରି ମ୍ୟାଲେରିଆକୁ ତିମୂଳ ଲୋପ କରିବା ହିଁ ଏହି ଦିବସର ଲକ୍ଷ୍ୟ । ତେବେ କେଉଁ ଦେଶ ବା ଅଂଚଳ ଏ ପର୍ଯ୍ୟନ୍ତ ମ୍ୟାଲେରିଆ ମୁକ୍ତ ହୋଇଛି ବୋଲି ସନ୍ଧାନ ଚାଲିଥିବା ବେଳେ ଭାରତରେ ପ୍ରାୟ ସମସ୍ତ ଅଂଚଳରେ ମ୍ୟାଲେରିଆର ପ୍ରଭାବ ରହିଛି ବୋଲି ସୂଚନା ମିଳିଛି । ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ଆମ ଦେଶରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାରଖଣ୍ଡ, ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ ଦକ୍ଷିଣ ପୂର୍ବ ରାଜ୍ୟ ଗୁଡ଼ିକରେ ମ୍ୟାଲେରିଆର ଆତଙ୍କ ଦେଖାଯାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମ୍ୟାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମା*ଳ ଅପେକ୍ଷା ସହରା*ଳ ଅଧିକ ମ୍ୟାଲେରିଆ ପ୍ରବଣ ହୋଇପଡୁଛି । ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମ୍ୟାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମ୍ୟାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍‌ସିତ ସୁଫଳ ମିଳି ନାହିଁ । ମ୍ୟାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ମ୍ୟାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମ୍ୟାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି ।

*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,*





# ସୁବର୍ଣ୍ଣପୁରରେ ଅଷ୍ଟମ ପୋଷଣ ପକ୍ଷ ପାଳନ
## ଶିଶୁ ପୋଷଣ ଓ ମାନସିକ ବିକାଶ ଉପରେ ଗୁରୁତ୍ୱାରୋପ

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୧ଟା ସମୟରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ଅଷ୍ଟମ ପୋଷଣ ପକ୍ଷ ପାଳନ କରାଯାଇଛି । ଏହି ପକ୍ଷ ପାଳନରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଏବଂ ଉପସ୍ଥିତ ଆଙ୍ଗନବାଡି କର୍ମୀମାନଙ୍କୁ ଶିଶୁମାନଙ୍କର ପୋଷଣ ଉପରେ ବ୍ୟକ୍ତିଗତ ଭାବରେ ଧ୍ୟାନ ଦେବା ପାଇଁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡ଼. ଉଷାରଣୀ ଦାସ, ଜିଲ୍ଲା ଶିଶୁ ବିକାଶ ଅଧିକାରୀ ଚତୁର୍ଭୁଜ ବୀଣାପାଣି ମିଶ୍ର । ଜିଲ୍ଲାପାଳ ଡ଼. ସାହୁ ଆଙ୍ଗନବାଡି କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ ଯେ ସେମାନେ ନିଜ ଅଧୀନରେ ଆସୁଥିବା ଅଂଚଳର ୬ ବର୍ଷରୁ କମ ଶିଶୁମାନଙ୍କର ପୋଷଣ ମାତ୍ରାର ତଥ୍ୟ ରଖିବା ସହ ପ୍ରତିମାସ ତାହାର ତୁଳନା କରିବା ଅତ୍ୟାବଶ୍ୟକ । ପ୍ରତିମାସରେ ଏହି ପକ୍ଷ ଦୁଇଥର ପାଳନ ହେବା ଆବଶ୍ୟକ ବୋଲି ସେ କହିଥିଲେ । ପକ୍ଷ ପାଳନରେ ଆୟୋଜିତ ସଭାରେ ମାନସିକ ପୋଷଣ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ଶିଶୁମାନେ କେମିତି କାର୍ଯ୍ୟକଳାପରେ ଅଂଶ ଗ୍ରହଣ କଲେ ତାଙ୍କର ମାନସିକ ବିକାଶ ହେବ, ସେଥିପାଇଁ ମଧ୍ୟ ଗୁରୁତ୍ୱ ଦିଆ ଯାଇଥିଲା । ସୂଚନାଯୋଗ୍ୟ ଯେ ଗତ ୯ ତାରିଖରୁ ଆଜି ୨୩ ତାରିଖ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲ୍ଲାରେ ପୋଷଣ ପକ୍ଷ ପାଳନ କରାଯାଉଛି । ୯ ତାରିଖରୁ ଜିଲ୍ଲାରେ ଆଙ୍ଗନବାଡି କର୍ମୀ ମାନଙ୍କ ଦ୍ୱାରା କେନ୍ଦ୍ର ସ୍ତରରେ, ପରେ ମଣ୍ଡଳ ସ୍ତରରେ ଏବଂ ତାହାପରେ ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ସ୍ତରରେ ଏହା ପାଳିତ ହୋଇଆସିଛି । ଆଜି ପୋଷଣ ପକ୍ଷ ପାଳନର ଶେଷ ଦିନରେ ଜିଲ୍ଲା ସ୍ତରରେ ଏହା ପାଳନ କରାଯାଇଛି । ଏହି ପକ୍ଷରେ ଜନ୍ମରୁ ୬ ବର୍ଷ ବୟସ ମଧ୍ୟରେ ଶିଶୁଙ୍କ ମସ୍ତିଷ୍କ ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ପକ୍ଷ ପାଳନରେ ୫ଟି ମୁଖ୍ୟ ଉଦ୍ଦେଶ୍ୟ ରଖାଯାଇଛି । ତାହା ହେଲା ମା ଓ ଶିଶୁର ପୋଷଣ, ମସ୍ତିଷ୍କର ବିକାଶ ପାଇଁ ପ୍ରାରମ୍ଭିକ ପ୍ରୋତ୍ସାହନ, ପ୍ରାରମ୍ଭିକ ବୟସରେ ଖେଳ ଆଧାରିତ ଶିକ୍ଷା, ଶିଶୁଙ୍କ ସ୍କ୍ରିନ ଟାଇମ କମ କରିବାରେ ମାତାପିତା ଓ ସମୁଦାୟର ଭୂମିକା, ଏବଂ ଆଙ୍ଗନବାଡି କେନ୍ଦ୍ରର ସଶକ୍ତିକରଣ ପାଇଁ ସାମୁହିକ ସମର୍ଥନ । ଏହି କାର୍ଯ୍ୟକ୍ରମରେ ଆଙ୍ଗନବାଡି କର୍ମୀ, ପରିଦର୍ଶିକା, ସ୍ୱୟଂ ସହାୟକ ଗୋଷ୍ଠୀ, କିଶୋରୀ ବାଳିକା ଓ ପୋଷଣ ଗୋଷ୍ଠୀ ସଂଯୋଜକମାନେ ଭାଗ ନେଇଥିଲେ । ଜିଲ୍ଲା ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜନ ଆନ୍ଦୋଳନ ପୋର୍ଟାଲରେ ଭଲ ପ୍ରଦର୍ଶନ ପାଇଁ ସମନ୍ୱିତ ଶିଶୁ ବିକାଶ ସେବା ବିନକା ଏବଂ ବୀରମହାରାଜପୁରର ପୋଷଣ ଗୋଷ୍ଠୀ ସଂଯୋଜକମାନଙ୍କୁ ସମ୍ମାନିତ କରାଯାଇଥିଲା । ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ ଏବଂ ଅନ୍ୟ ସମସ୍ତ ଅଧିକାରୀବୃନ୍ଦ ଆଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ପୋଷଣ ଗୋଷ୍ଠୀ ସଂଯୋଜକମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପୋଷ୍ଟିକ ଖାଦ୍ୟ ପରିଦର୍ଶନ କରି ସେଗୁଡ଼ିକର ସ୍ୱାଦ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ପୋଷଣ ପଖୱାଡା-୨୦୨୬ 'ମା ଏବଂ ଶିଶୁ ପୁଷ୍ଟିସାର' ସମ୍ପର୍କିତ ସଚେତନତା

ସମ୍ବଲପୁର : ୮ତମ ପୋଷଣ ପଖୱାଡା ୨୦୨୬ ପାଳନର ଏକ ଅଂଶ ସ୍ୱରୂପ ସମ୍ବଲପୁରରେ ଏପ୍ରିଲ ୯ ତାରିଖରୁ ଏପ୍ରିଲ ୨୩ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି । ଏହି ଅବସରରେ ସମ୍ବଲପୁର ଡିଭିଜନାଲ ରେଲ ହସ୍ପିଟାଲରେ 'ମା ଏବଂ ଶିଶୁ ପୁଷ୍ଟିସାର' ବିଷୟବସ୍ତୁ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଡକ୍ଟର ଟି.ଏସ.ଜି. ଅର୍ଜୁନ, ଏଡିଏମଓ (ପିଡିଆଟ୍ରିକ୍ସ)/ ସମ୍ବଲପୁରଙ୍କ ଦ୍ୱାରା ଏକ ସୂଚନାପ୍ରଦ ସଚେତନତା ଆଲୋଚନା କରାଯାଇଥିଲା, ସେ ଶୈଶବର ପ୍ରାରମ୍ଭିକ ଦିନ ଗୁଡ଼ିକରେ ଉପଯୁକ୍ତ ପୁଷ୍ଟିସାରର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆଲୋକପାତ କରିଥିଲେ ଯେ ସନ୍ତୁଳିତ ପୁଷ୍ଟିସାର ସୁସ୍ଥ ଶାରୀରିକ ବିକାଶ ସହିତ ପିଲାମାନଙ୍କର ମାନସିକ, ମନସ୍ତାତ୍ତ୍ୱିକ ଏବଂ ସାମାଜିକ ବିକାଶ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସଚେତନତା ଅଧିବେଶନ ପରେ, ଅଂଶଗ୍ରହଣକାରୀ ପିଲାମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଯାଂଚ ଶିବିର ଆୟୋଜନ କରାଯାଇଥିଲା, ଯାହା ସେମାନଙ୍କୁ ଆବଶ୍ୟକୀୟ ଡାକ୍ତରୀ ମୂଲ୍ୟାଙ୍କନ ଏବଂ ମାର୍ଗଦର୍ଶନ ପ୍ରଦାନ କରିଥିଲା । ଏହି କାର୍ଯ୍ୟକ୍ରମରେ ମୋଟ ୪୭ ଜଣ ହିତାଧିକାରୀ ଯୋଗ ଦେଇଥିଲେ ଏବଂ ସଚେତନତା ଅଧିବେଶନ ଏବଂ ସ୍ୱାସ୍ଥ୍ୟ ପରୀକ୍ଷାର ଲାଭ ଉଠାଇଥିଲେ । ଏହି ପଦକ୍ଷେପ ସ୍ୱାସ୍ଥ୍ୟ ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ କେନ୍ଦ୍ରିତ ପ୍ରସାର କାର୍ଯ୍ୟକ୍ରମ ମାଧ୍ୟମରେ ମା' ଏବଂ ଶିଶୁଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

# ସୁବର୍ଣ୍ଣପୁର ଜିଲ୍ଲାର ୬ ତହସିଲରେ ହାଇଟେକ ସର୍ଭେର ଚୂଡ଼ାନ୍ତ ପଟ୍ଟା ବଂଟନ ଆରମ୍ଭ

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲାର ଅତି ପ୍ରତିକ୍ଷୀତ ହାଇଟେକ ସର୍ଭେର ଚୂଡାନ୍ତ ପଟ୍ଟା ବଂଟନ କାର୍ଯକ୍ରମର ଶୁଭାରମ୍ଭ ହୋଉଛି । ପ୍ରଥମ ଦିନରେ ଜିଲ୍ଲାର ୬ଟି ତହସିଲରେ ୧୬୦ରୁ ଅଧିକ ପଟ୍ଟା ବଂଟନ କରାଯାଇଛି । ସୁବର୍ଣ୍ଣପୁର ଜିଲ୍ଲା ଯୋଜନା ଓ ପର୍ଯବେକ୍ଷଣ କମିଟିର ଅଧ୍ୟକ୍ଷ ତଥା ବୀରମହାରାଜପୁରର ବିଧାୟକ ଇଂ ରଘୁନାଥ ଜଗଦଲା ନିଜେ ଉପସ୍ଥିତ ରହି ବୀରମହାରାଜପୁର ତହସିଲ ଅନ୍ତର୍ଗତ ପିତାମହୁଲ ଠାରେ ଚୌହାନପୁର ମୌଜାର ହାଇଟେକ ସର୍ଭେର ଚୂଡାନ୍ତ ପଟ୍ଟା ବଂଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ, ଉପଜିଲ୍ଲାପାଳ ଶ୍ରୀ ସୁରେନ୍ଦ୍ର ମେହେର, ସାଂସଦଙ୍କ ପ୍ରତିନିଧି ଶ୍ରୀମତୀ ନଳିନୀ ପଣ୍ଡା ଏବଂ ସମାଜସେବୀ ଶ୍ରୀ ବେଣୁଧର ଦାଶ ଯୋଗଦେଇଥିଲେ । ବୀରମହାରାଜପୁର ତହସିଲଦାର ସୁଶ୍ରୀ ସୁଚିସ୍ମିତା ପାଣିଗ୍ରାହୀ ପଟ୍ଟା ବଂଟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚୌହାନପୁର ମୌଜାର ମୋଟ ୨୫ ଜଣ ରୟତଙ୍କୁ ପଟ୍ଟା ପ୍ରଦାନ କରାଯାଇଛି । ସେହିପରି ଉଲୁଣ୍ଡା ତହସିଲର ଘମଡିଆପାଲି ଗ୍ରାମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରାଜେନ୍ଦ୍ର ମାଝୀ ନିଜେ ଉପସ୍ଥିତ ରହି ୭୯ଟି ପଟ୍ଟା ବଂଟନ କରିଥିଲେ। ଜିଲ୍ଲାର ସୋନପୁର ତହସିଲ ଅନ୍ତର୍ଗତ ଶିଆଳଜୁରୀରେ ୩୮ ଜଣ ଗ୍ରାମବାସୀଙ୍କୁ ପଟ୍ଟା ଦିଆ ଯାଇଥିଲା । ଏହି ପଟ୍ଟା ବଂଟନ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଡ଼ ସୌମ୍ୟ ରୁପା ରଥ, ତହସିଲଦାର ଜି ରଶ୍ମିରେଖା ଓ ଡେପୁଟି କଲେକ୍ଟର ସିଦ୍ଧାର୍ଥ ଦାସ ଉପସ୍ଥିତ ଥିଲେ । ବିନକା ଏବଂ ରାମପୁର ତହସିଲରେ ୮ଟି ଲେଖାଏ ପଟ୍ଟା ବଂଟନ କରାଯାଇଛି ଏବଂ ତରଭାରେ ୪ ଟି ପଟ୍ଟା ବଂଟନ ହୋଇଛି । ଏହି ଅବସରରେ ଜିଲ୍ଲାପାଳ ଡ଼ ସାହୁ କହିଥିଲେ ଯେ, ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ସହିତ ବୈଠକରେ ହୋଇଥିବା ନିଷ୍ପତି ଅନୁସାରେ ଏହି କାର୍ଯକ୍ରମ ଆରମ୍ଭ ହୋଇଛି । ଦଶନ୍ଧିଧରି ଚାଲିଥିବା ସମସ୍ୟାକୁ ଏହା ଦୂର କରିବ । ସୂଚନା ଯୋଗ୍ୟ ଯେ, ସୁବର୍ଣ୍ଣପୁର ଜିଲ୍ଲାର ୯୮୯ଟି ଗ୍ରାମ ମଧ୍ୟରୁ ୬୦୮ଟି ଗ୍ରାମରେ ସର୍ଭେ ସମାପ୍ତ ହୋଇଥିବାବେଳେ ଅବଶିଷ୍ଟ ଗ୍ରାମର କାମ ଅତିଶୀଘ୍ର ସାରିବାର ଲକ୍ଷ୍ୟ ରହିଛି । ଯେଉଁ ଗ୍ରାମ ମାନଙ୍କର ସର୍ଭେ ସରିଛି ସେହି ଗ୍ରାମ ମାନଙ୍କର ପଟ୍ଟା ବ[ନ ଏବଂ ରହିଯାଇଥିବା ଗ୍ରାମମାନଙ୍କର ହାଇଟେକ ସର୍ଭେ କାମ ଏକା ସାଙ୍ଗରେ ଚାଲିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ପୋଷଣ ସପ୍ତାହ ପାଳିତ

ସମ୍ବଲପୁର: ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ପରିସରରେ ଜିଲ୍ଲା ସ୍ତରୀୟ ପୋଷଣ ସପ୍ତାହ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ବୋଲିରାମ ବନ୍ଦର ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ, ବିଭାଗୀୟ ପ୍ରଶାସନିକ ଅଧିକାରିଣୀ, ଅଙ୍ଗନବାଡି କର୍ମୀ ମାନେ ଯୋଗ ଦେଇଥିଲେ । ବୈଠକରେ ଚଳିତ ଗ୍ରୀଷ୍ମ ପ୍ରବାହ ଜନିତ ସମସ୍ୟାକୁ ଏଡ଼ାଇ ମହିଳା, ଶିଶୁ ଓ ଗର୍ଭବତୀଙ୍କୁ ଯେପରି ପୋଷଣ ଯୁକ୍ତ ଖାଦ୍ୟ ସହ ପ୍ରତିଷେଧକ ଔଷଧ ବିତରଣ କରାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅବସରରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସ୍ନାତକୋତର ବାଣିଜ୍ୟ ବିଭାଗର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମାଲକାନଗିରିର ଦୀପାରାଣୀ ସମ୍ମାନିତ

ମାଲକାନଗିରି : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତର ବାଣିଜ୍ୟ ବିଭାଗ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ୧୫ ରୁ ୧୯ ଏପ୍ରିଲ୍ ୨୦୨୬ ପର୍ଯ୍ୟନ୍ତ ଅତ୍ୟନ୍ତ ଆଡମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ସ୍ନାତକୋତର ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଓ କୁଳସଚିବ ସଚ୍ଚିଦାନନ୍ଦ ନାୟକଙ୍କ ପ୍ରେରଣାରେ ଏହି ପାଂଚଦିନିଆ ଉତ୍ସବ ଆୟୋଜିତ ହୋଇଥିଲା । ପ୍ରଥମ ଦିନ ସୁବର୍ଣ୍ଣ ଜୟନ୍ତୀ ପତାକା ଉତୋଳନ ସହ ଉତ୍ସବର ଶୁଭାରମ୍ଭ ହୋଇଥିଲା । ଏହି ଅବସରରେ 'ବି-କ୍ୱିଜ୍', 'ତହକିକାତ' ଓ 'ୱାନ୍ ମିନିଟ୍ ଏକ୍ସପ୍ରେସ୍' ପରି ବିଭିନ୍ନ ବ୍ୟବସାୟିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ୮୦ରୁ ଅଧିକ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇ ନିଜ ଜ୍ଞାନ, ତ୍ୱରିତ ଚିନ୍ତନ ଓ ଅଭିବ୍ୟକ୍ତି କୌଶଳ ପ୍ରଦର୍ଶନ କରିଥିଲେ । ରେ ପୂର୍ବତନ ପ୍ରଫେସର ପ୍ରତା କୁମାର ମହାନ୍ତିଙ୍କ ଦ୍ୱାରା ବୈଜ୍ଞାନିକ ପାଣ୍ଡୁଲିପି ଲେଖନୀ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା । ସେ ଆଧୁନିକ ବ୍ୟବସାୟ ପରିବେଶ, ନେତୃତ୍ୱ ଓ କ୍ୟାରିୟର ଗଠନ ସମ୍ପର୍କରେ ଉପଦେଶ ଦେଇଥିଲେ । ଏହାପରେ 'ଆଡ୍-ମ୍ୟାଡ୍ ଶୋ' ଓ 'ଆଇଡିଆ ହ୍ୟାକାଥନ୍' ମାଧ୍ୟମରେ ଛାତ୍ରଛାତ୍ରୀମାନେ ସୃଜନଶୀଳ ବ୍ୟବସାୟ ଧାରଣା ପ୍ରଦର୍ଶନ କରିଥିଲେ । ଦ୍ୱିତୀୟ ଦିନ ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଫେସର ଗଙ୍ଗା ପ୍ରସାଦ ପଣ୍ଡାଙ୍କ ସ୍ମୃତିରେ ସ୍ମାରକୀ ଆଲୋଚନା ସଭା ଆୟୋଜିତ ହୋଇଥିଲା । ଡ଼ଃ ଶକ୍ତି ରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇ ପଣ୍ଡାଙ୍କ ଜୀବନ ଓ ଅବଦାନ ଉପରେ ଆଲୋକପାତ କରିଥିଲେ । ପୂର୍ବତନ ପ୍ରଫେସର ରୁଦ୍ର ପ୍ରସନ୍ନ ମହାପାତ୍ର ଓ ପ୍ରଫେସର ଗୌରୀ ଶଙ୍କର ଲାଲ ମଧ୍ୟ ତାଙ୍କର ଶିକ୍ଷାଦାନର ନିଷ୍ଠା ଉପରେ ମତ ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବେ ଚାଟାର୍ଡ ଆକାଉଂଟାଂଟ ଅରୁଣ କୁମାର ସାବତ ଯୋଗଦେଇ ଗୁରୁଜନଙ୍କ ଅବଦାନ ଓ ନୈତିକ ମୂଲ୍ୟବୋଧର ଗୁରୁତ୍ୱ ବିଷୟରେ କହିଥିଲେ । ତୃତୀୟ ଦିନ ସ୍ୱର୍ଗତ ପ୍ରଫେସର ପ୍ରମୋଦ କୁମାର ସାହୁଙ୍କ ସ୍ମୃତିରେ ବକ୍ତୃତା ଆୟୋଜିତ ହୋଇଥିଲା । ଚାଟାର୍ଡ ଆକାଉଂଟାଂଟ ଭଗବାନ ପାଢୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଅର୍ଥନୀତିକ ବିଷୟ ଉପରେ ଆଲୋଚନା କରିଥିଲେ । ଚତୁର୍ଥ ଦିନ ସୁବର୍ଣ୍ଣ ଜୟନ୍ତୀର ସଭା ଓ ପୁରାତନ ଛାତ୍ରଛାତ୍ରୀ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ଅବସରରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଦ୍ୱାରା ସ୍ମୃତିଚିହ୍ନ ପ୍ରତିମା ଉଦଘାଟିତ ହୋଇ ଥିଲା । ଡ଼ଃ ମହେଶ୍ୱର ସେଠୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଡ଼ଃ ଶକ୍ତି ରଞ୍ଜନ ଦାଶ ବିଭାଗର ୫୦ ବର୍ଷର ଯାତ୍ରା ଉପରେ ବିବରଣୀ ଦେଇଥିଲେ ।ଏହି ଅବସରରେ ମାଲକାନଗିରିର ପୂର୍ବତନ ଛାତ୍ରୀ ଓ ପକ୍ଷୀ ସଂରକ୍ଷକ ଦୀପାରାଣି ନାୟକଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନିର୍ମିତ ବାଲୁକା କଳାରେ ବିଶ୍ୱବିଦ୍ୟାଳୟର ୫୦ ବର୍ଷର ଯାତ୍ରାକୁ ସୁନ୍ଦର ଭାବେ ଉପସ୍ଥାପିତ କରାଯାଇଥିଲା ଏବଂ ଏକ ଡକ୍ୟୁମେଂଟାରୀ ଭିଡିଓ ମଧ୍ୟ ପ୍ରଦର୍ଶିତ ହୋଇଥିଲା । ଉତ୍ସବର ସମାପନୀ ଦିନରେ ଛାତ୍ରଛାତ୍ରୀଙ୍କୁ ନୈତିକତା, ନିଷ୍ଠା ଓ ସେବାମୂଳକ ମନୋଭାବ ଅନୁସରଣ କରି ଜୀବନରେ ସଫଳତା ଲାଭ କରିବାକୁ ପ୍ରେରିତ କରାଯାଇଥିଲା ।

# ଚାହାଁର ମଞ୍ଜିର ଅଭାବୀ ବିକ୍ରି ଅଭିଯୋଗ

ନୂଆପଡ଼ା: ନୂଆପଡ଼ା ଜିଲ୍ଲାର ବଣପାହାଡ଼ ଘେରା ଅଂଚଳରେ ବସବାସ କରୁଥିବା ଆଦିମ ଜନଜାତି ଡୋଙ୍ଗରିଆ ଲୋକ ମାନେ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ । ସେହି ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟରୁ ଚାହାଁର ମଞ୍ଜି ଅନ୍ୟତମ । ଆଦିବାସୀ ମାନେ ଚାହାଁର ମଞ୍ଜିର ଅଭାବୀ ବିକ୍ରିର ଶିକାର ହୋଇ କମ୍ ମୂଲ୍ୟରେ ଦଲାଲମାନଙ୍କ ପାଖରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି । ଯାହାଫଳରେ ଏହି ସରଳ ଆଦିମ ଜନଜାତି ଲୋକମାନଙ୍କ ଜୀବନ ଜୀବିକାରେ ବାଧା ଦେଖା ଦେଇଛି । ନୂଆପଡ଼ା ଜିଲ୍ଲାର ପୁରପଲ୍ଲୀରେ ଏବେ ଚାହାଁର ବାସ୍ନା ଚହଟି ଯାଇଛି । ସକାଳୁ ସକାଳୁ ଚାହାଁର ଗଛଥିବା ପରିବାରର ଲୋକେ ଚାହାଁର ଗଛକୁ ଚଢି ଚାହାଁର ଗୋଟାଇବା ପାଇଁ ପ୍ରତିଦିନ ନିକଟସ୍ଥ ଜଙ୍ଗଲକୁ ଯାଆନ୍ତି । ବୈଶାଖ ମାସରେ ଚାହାଁର ମଞ୍ଜି ସଂଗ୍ରହ କରିଥାନ୍ତି । ଚାହାଁର ମଞ୍ଜିକୁ ସଂଗ୍ରହ କରି ପଥର ଚଟାଣରେ ଶୁଖାଇ ବିକ୍ରି କରି ନିଜର ତେଲ ଲୁଣର ସଂସାର ଚଳାଇଥାନ୍ତି । ହେଲେ ସରକାରଙ୍କ ପକ୍ଷରୁ ଏହାକୁ ବିକ୍ରି କରିବା ପାଇଁ ଏ ଯାଏଁ ଦର ଧାର୍ଯ୍ୟ ହୋଇନାହିଁ । ଫଳରେ ଏହି ମୂଲ୍ୟରେ ବିକ୍ରି କରିବାକୁ ବାଧ ହେଉଛନ୍ତି । ଜିଲ୍ଲାର ଉପରପିଟା, ଲାଞ୍ଜି, କରନଡବା, ମହୁଲପଡ଼ା, ବେଲପଡ଼ା, ମନ୍ତ୍ରୀତରାଇ, ଦାବରୀ, ରାଣିମୁଣ୍ଡା, କମ୍ପାନୀଗୁମା, ବିକ୍ରମପୁର, କିରକିଟା, କୋଦାଲଡୁଙ୍ଗରୀ, କାଟଫାର, ଭଇସାଦାନୀ, ପାଟଧରା, ସିଆଳିପଡ଼ା, ସିଆଳଲଟି, ରେଢ଼ାମାଲ, ପେନଲାପଡ଼ା, ରୁଣ୍ଡି ସହ ଗ୍ରାମାଚଂଳର ଲୋକେ ଚାହାଁର ମଞ୍ଜି ତୋଳି ଅଭାବି ବିକ୍ରିର ଶିକାର ହେଉଛନ୍ତି । ସେମାନେ କିଲୋ ପ୍ରତି ୮୦ରୁ ୧୦୦ ଟଙ୍କା ଦରରେ ଦଲାଲ ପାଖରେ ବିକ୍ରି କରି ଦେଉଛନ୍ତି । ସେହି ଚାହାଁର କିଲୋ ପ୍ରତି ହାରାହାରି ୨୦୦ ରୁ ଅଧିକ ଟଙ୍କା ଦରରେ ବିକ୍ରୟ ହେବା ଉଚିତ । ଅପରପକ୍ଷେ ରାଜ୍ୟ ସରକାର ମଧ୍ୟ ରାଜସ୍ୱ ହରାଉଛନ୍ତି । ଏହି ଚାହାଁର ମଞ୍ଜି ଦ୍ୱାରା ବିଭିନ୍ନ ମୂଲ୍ୟବାନ ଦ୍ରବ୍ୟ ପ୍ରସ୍ତୁତ ହୋଇଥାଏ । ବଣପାହାଡ଼ ଘେରା ଅଂଚଳରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ଏହା ଅର୍ଥ ଉପାର୍ଜନ କରିବାର ବାଟ ଅଟେ । ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଚାହାଁର ମଞ୍ଜିର ଉଚିତ ମୂଲ୍ୟ ନିର୍ଦ୍ଧାରଣ କରିବାର ଆବଶ୍ୟକତା ଥିବା ମତପ୍ରକାଶ ପାଇଛି ।

# ସମସେରପଦର ଗାଁରେ ପାନୀୟ ଜଳ ସଙ୍କଟ

ନୂଆପଡ଼ା : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡୁଆଝର ଗ୍ରାମ ପଂଚାୟତର ସମସେରପଦର ଗାଁ । ଗାଁରେ ପ୍ରାୟ ଦୁଇ ଶହ ପରିବାରର ପନ୍ଦର ଶହ ଲୋକ ରହନ୍ତି । ଗାଁରେ ଏବେ ପିଇବା ପାଣିର ଘୋର ସମସ୍ୟା । ଗ୍ରାମକୁ ଦେଢ଼ ବର୍ଷ ତଳେ ବସୁଧା ଯୋଜନାରେ ପାଇପ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରା ଯାଇଥିଲା । କିନ୍ତୁ ସବୁଦିନ ପାଣି ମିଳୁ ନଥିଲା । ଏବେ ଛଅ ମାସ ହେଲା ପାଇପରୁ ପାଣି ଆସିବା ବନ୍ଦ ହୋଇ ଯାଇଛି । ଫଳରେ ଲୋକେ ପାଣି ମୁନ୍ଦିଏ ପାଇଁ ନାହିଁ ନଥିବାର ଦୁଃଖ ଭୋଗ କରୁଛନ୍ତି । ଗାଁ ରେ ତିନିଟି ନଳକୂପ ଥିବା ବେଳେ ଗୋଟିଏ ନଳକୂପରୁ ପାଣି ବାହାରୁଛି । ତାହା କିନ୍ତୁ ଗ୍ରାମବାସୀଙ୍କ ଶୋଷ ମେଂଟାଇବାକୁ ଅକ୍ଷମ । ଏବେ ଖରା ମାସ ହେବାରୁ ଭୂମିତଳ ପାଣି ଶୁଖି ଯିବାରୁ ଠିକ୍ ହିସାବରେ ପାଣି ଆସୁନି । ମହିଳା ମାନେ ଦିନ ସାରା ଖରାରେ ପାଣି ଗୋଟିଏ ବାଲଟି ପାଇଁ ଅପେକ୍ଷା କରି ରହୁଛନ୍ତି । ଏନେଇ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କେହି ଶୁଣୁ ନଥିବା ଅଭିଯୋଗ ହେଉଛି । ଶୀଘ୍ର ପାନୀୟ ଜଳର ଅଭାବ ଦୂର ନକଲେ ବ୍ଲକ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ । ଏନେଇ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କୁ ପଚାରିବାରୁ ବିଭାଗୀୟ ଯନ୍ତ୍ରୀଙ୍କୁ ଗାଁକୁ ପଠାଇବେ ଓ ଶୀଘ୍ର ପାନୀୟ ଜଳର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

# ଜିଲ୍ଲା ପ୍ରଶାସନର ସକ୍ରିୟତାରୁ ଉପକୃତ ହେଲେ ୯୧ ହିତାଧିକାରୀ

ମାଲକାନଗିରି : ଜିଲ୍ଲାର ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଜାଲରେ ବାନ୍ଧିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ଅତ୍ୟନ୍ତ ସକ୍ରିୟ ରହିଛି । ଏହି କ୍ରମରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ମାଲକାନଗିରି ବ୍ଲକ ଅନ୍ତର୍ଗତ ଗୋରାଖୁଂଟା ଗ୍ରାମ ପଂଚାୟତଠାରେ ଏକ ବିଶାଳ ସଚେତନତା ଓ ପଞ୍ଜିକରଣ ଶିବିର ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଏବଂ ଓଡ଼ିଶା ଅସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ପ୍ରଶାସନର ଦୂରଦୃଷ୍ଟି ପ୍ରତିଫଳିତ ହୋଇଛି । ଏହି ଶିବିରରେ ୯୧ ଜଣ ଶ୍ରମିକ ଯୋଗ ଦେଇଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସ୍ତରରେ ବ୍ୟାପକ ପ୍ରଚାର ପ୍ରସାର କରାଯାଇଥିବାରୁ ଏତେ ସଂଖ୍ୟକ ଶ୍ରମିକ ଏହି ସୁଯୋଗର ଲାଭ ଉଠାଇ ପାରିଛନ୍ତି । ଶିବିରରେ ୫୧ ଜଣ ନୂତନ ଶ୍ରମିକଙ୍କ ପଞ୍ଜିକରଣ କରାଯିବା ସହ ୨୯ ଜଣଙ୍କର ନବୀକରଣ ଏବଂ ୨୧ ଜଣଙ୍କର ପୁନଃ ପଞ୍ଜିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଜିଲ୍ଲା ପ୍ରଶାସନର ଏହି ଅଭିଯାନ ମାଧ୍ୟମରେ ସରକାରୀ ଯୋଜନାଗୁଡ଼ିକୁ ଶ୍ରମିକଙ୍କ ଦୁଆରମୁହଁରେ ପହଂଚାଇବା ପାଇଁ ଶ୍ରମ ବିଭାଗ ଓ ପଂଚାୟତ ସ୍ତରୀୟ ଅଧିକାରୀମାନଙ୍କୁ ସକ୍ରିୟ କରାଯାଇଛି । ସହକାରୀ ଶ୍ରମ ଅଧିକାରୀ ତନ୍ମୟ ମଣ୍ଡଳ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଂଚ , ପଂଚାୟତ ନିର୍ବାହୀ ଅଧିକାରୀ ଏବଂ ସିଏସସି କର୍ମଚାରୀମାନେ ଉପସ୍ଥିତ ରହି ତତ୍ପରତା ପ୍ରଦର୍ଶନ କରିଥିଲେ । ଦୁର୍ଗମ ଅଂଚଳରେ ଏଭଳି ଶିବିର ଆୟୋଜନ କରି ଶ୍ରମିକମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଜିଲ୍ଲା ପ୍ରଶାସନର ଏହି ନିରନ୍ତର ପ୍ରୟାସକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ବ୍ୟାଙ୍କ ଅଫ୍ ବରୋଦାର ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ସମ୍ବଲପୁର : ବ୍ୟାଙ୍କ ଅଫ୍ ବରୋଦା ସମ୍ବଲପୁର ଅଂଚଳ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ସମ୍ପର୍ଣ୍ଣ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଅଂଚଳର ମହାପ୍ରବନ୍ଧକ ଶରତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ବ୍ୟାଙ୍କ ଉପ-ମହାପ୍ରବନ୍ଧକ ତଥା ଆଂଚଳିକ ମୁଖ୍ୟ ଦେବୀ ପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ଦେଇ ସମ୍ବଲପୁର ଅଂଚଳର ୨୦୨୫-୨୬ ଆର୍ଥିକ ବର୍ଷର ଉଲ୍ଲେଖନୀୟ ସଫଳତା ଓ କାର୍ଯ୍ୟଦକ୍ଷତାକୁ ଉଚ୍ଚ ପ୍ରଶଂସା କରିଥିଲେ । ସେ ସମସ୍ତ ଶାଖା ପ୍ରବନ୍ଧକଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସ ଓ ମୂଲ୍ୟବାନ ଅବଦାନକୁ ଉଲ୍ଲେଖ କରି ଆଗାମୀ ଆର୍ଥିକ ବର୍ଷ ୨୦୨୬-୨୭ରେ ଅଧିକ ଉତ୍କୃଷ୍ଟ ଫଳାଫଳ କରିବା ପାଇଁ ଉତ୍ସାହିତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ପାଣିଗ୍ରାହୀ ସମ୍ବଲପୁର ଅଂଚଳର କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିବା ପରେ ବ୍ୟାପାରିକ ସମ୍ଭାବନା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ବିଶେଷ ଭାବେ ଗ୍ରାହକ ସେବା, ଡିଜିଟାଲ ବ୍ୟାଙ୍କିଙ୍ଗ ବୃଦ୍ଧି, କ୍ୟାସ୍ ସଂଗ୍ରହ, ଋଣ ପରିଚାଳନା ଓ ଏମଏସଏମଇ ବ୍ୟବସାୟର ସୁଦୃଢ଼ତା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ଶାଖା ପ୍ରବନ୍ଧକ ଓ ବିଜନେସ କରେସପଣ୍ଡେଂଟ ମାନଙ୍କୁ ପୁରସ୍କାର ପ୍ରଦାନ ପୂର୍ବକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସମସ୍ତଙ୍କ ମଧ୍ୟରେ ଏକ ଭିନ୍ନ ପ୍ରେରଣା ଓ ସୁସ୍ଥ ପ୍ରତିସ୍ପର୍ଦ୍ଧାର ଭାବନା ସୃଷ୍ଟି କରିଥିଲା । ଶେଷରେ ସମସ୍ତ ଅଂଶଗ୍ରହଣକାରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରାଯାଇଥିଲା ବୋଲି ପ୍ରଭଞ୍ଜନ ବୈଠାରୁଙ୍କ ସୂତ୍ରରୁ ପ୍ରକାଶ ।

# ନିର୍ମାଣଧୀନ ଘରୁ ମୋଟର ଚୋରି

ଜୟପୁର : ଜୟପୁର ସଦରଥାନା ଅନ୍ତର୍ଗତ ରଣ୍ଡାପାଲି ନିକଟରେ ନିର୍ମାଣ ହେଉଥିବା ନୂତନ ଘରୁ ମୋଟର ଚୋରି ହୋଇଥିବା ନେଇ ସଦରଥାନାରେ ଅଭିଯୋଗ ହୋଇଛି । ପୁଲିସ ସୂଚନା ଅନୁଯାୟୀ ନୂତନ ଘର ନିର୍ମାଣ କରୁଥିବା ମାଲିକ ଜୟନ୍ତ କୁମାର ସାହୁ ଗତକାଲି ରାତି କିଛି ଦୁର୍ବୃତ ତାଙ୍କର ସବମର୍ସିଆଲ ପାଣି ମୋଟର ଚୋରି କରିଥିବା ନେଇ ଅଭିଯୋଗ କରିଛନ୍ତି । ମୋଟରଟି ୨୩୦ ମିଟର ଗଭିର ଭିତରେ ଥିବା ବେଳେ ଚୋରଦଳ ଚାଲାକରେ ଚୋରି କରିଛନ୍ତି ବୋଲି ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗକୁ ଭିତିକରି ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆ ରମ୍ଭ କରିଛି ।

# ଗ୍ରୀଷ୍ମରେ ଉତ୍କଟ ପାନୀୟ ଜଳ ସମସ୍ୟା ଭରସା କେବଳ ଅପରିଷ୍କାର ନାଳପାଣି

ଜୟପୁର : ଅବହେଳିତ ପକନାଗୁଡ଼ା । ସମସ୍ୟା ଭିତରେ ଯୁଝି ହେଉଛନ୍ତି ପକନାଗୁଡ଼ାବାସି । ଶୁଦ୍ଧ ପାନୀୟ ଜଳ ପାଲଟିଛି ସାତ ସପନ । ନାଳ ପାଣି ମେଂଟାଉଛି ଶୋଷ । ଖରାର ପ୍ରକୋପ ବଢୁଥିବାରୁ ଜଳ କଷ୍ଟ ଚିନ୍ତା । ଆବାସ ଯୋଜନାରୁ ବଂଚିତ ଏକାଧିକ ପରିବାର । ରାସ୍ତା କଥା ଶୁଣିବାକୁ ଆଜି ଯାଏଁ ପହଂଚିପାରିନି ପ୍ରଶାସନ । ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଆଉଁଳୀ ପଂଚାୟତର ଉପାନ୍ତ ଗାଁ ପକନାଗୁଡ଼ା । ଏଠାରେ ପ୍ରାୟ ୩୦ରୁ ଉର୍ଦ୍ଧ ପରିବାର ବସବାସ କରନ୍ତି । କିନ୍ତୁ ବିଭିନ୍ନ ସମସ୍ୟା ଭିତରେ ଜୁଝି ହେଉଛନ୍ତି ଗ୍ରାମବାସୀ । ଗ୍ରୀଷ୍ମ ପ୍ରବାହ ଜାରୀ ରହିଥିବା ବେଳେ ଗାଁ ରେ ଥିବା ୨ଟି ନଳକୂଅ ଖରାପ ଯୋଗୁଁ ବାଧ ହୋଇ ନାଳ ପାଣି ବ୍ୟବହାର କରୁଛନ୍ତି ଗ୍ରାମବାସୀ । ସୁଦ୍ଧ ପାନୀୟ ଜଳ ପାଲଟିଛି ଏହି ଗ୍ରାମବାସୀଙ୍କ ପାଇଁ ସାତ ସପନ । ଏଠି ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଫେଲ୍ ମାରିଛି । ଖରା ଦିନ ପୁଣି ନଳକୂପ ଅଚଳ ଯୋଗୁଁ ସ୍ଥିତି ଉତ୍କଟ ହେଲେ ଇନ୍ଦ୍ରାବତୀ ନଦୀ ହିଁ ସାହାଭରସା ବୋଲି କହିଛନ୍ତି ଗ୍ରାମବାସୀ । ଏତ ଥିଲା ପାନୀୟ ଜଳ ସମସ୍ୟା ଏହା ବାଦ୍ ବି ରହିଛି ଗାଁ ରେ ଅନେକ ସମସ୍ୟା । ଏକାଧିକ ପରିବାର ଆବାସ ଯୋଜନାରୁ ବଂଚିତ କାହା ଘର ଉପରେ ପଲିଥିନ ଟଣା ହୋଇଛି ତ କାହାର ଚାଳ ଉଡି ଗଲାଣି । ପୁଣି ଏତିକି ନୁହେଁ ଗାଁରେ ଅନେକ ବୟସ୍କ ଭତା ପାଇବାରୁ ବଂଚିତ ଅଛନ୍ତି । ରାସ୍ତା ନିର୍ମାଣ ହୋଇ ପାରିନି ଯାହା ଫଳରେ ଉପାନ୍ତ ଗାଁ ଭାବେ ପରିଚିତ ପକନାଗୁଡ଼ାରୁ ଅନେକ ରୋଗୀ ଓ ଗର୍ଭବତୀ ମହିଳା ମାନଙ୍କୁ ଖଟିଆରେ ବୁହା ହୋଇ ୨ କିଲୋମିଟର ନିଆ ଯାଉଛି । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଭଳି ମୌଳିକ ସୁବିଧା ନ ପାଇ ବହୁ ହଇରାଣ ହରକତରେ ଜୀବନ ଜୀବିକା ନିର୍ବାହ କରୁଛନ୍ତି ଗ୍ରାମବାସୀ । ଏହିସବୁ ମୌଳିକ ସୁବିଧା ନ ଥିବାରୁ ଗାଁ ରୁ ବହୁ ପରିବାର ଅନ୍ୟ ଗାଁ କୁ ଯିବାକୁ ବାଧ ହେଉଛନ୍ତି । ଜଙ୍ଗଲ ଜାତ ଦ୍ରବ୍ୟ ସହିତ ଚାଷବାସ କରି ପରିବାର ପ୍ରତିପୋଷଣ କରୁଛନ୍ତି । ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରପଂଚ ଠାରୁ ନେତା ମନ୍ତ୍ରୀ ଅଫିସରଙ୍କୁ ବହୁ ବାର ଗ୍ରାମବାସୀ ଯୋଗାଯୋଗ କରିଛନ୍ତି କିନ୍ତୁ କୌଣସି ସୁଫଳ ମିଳୁନି । ପ୍ରତ୍ୟେକ ଦିନ ଗ୍ରାମବାସୀ ସମସ୍ୟା ସହ ଲଢ଼ି ଲଢ଼ି ନୟାନ୍ତ ହୋଇଗଲେଣି ତେଣୁ ତୁରନ୍ତ ପ୍ରଶାସନ ଉକ୍ତ ଗ୍ରାମରେ ପହଁଚି ଗ୍ରାମରେ ଲାଗିରହିଥିବା ସମସ୍ୟା ସମାଧାନ ପାଇଁ ଦାବି ହୋଇଛି ।

# ୮୧ତମ ପ୍ରତିଷ୍ଠା ଏବଂ ଧାନ ଦିବସ ପାଳିତ

କଟକ(ନିପ୍ର): ଆଇ ସି ଏ ଆର କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ୮୧ତମ ପ୍ରତିଷ୍ଠା ଦିବସ ଏବଂ ଧାନ ଦିବସରେ ବୈଜ୍ଞାନିକ, କର୍ମଚାରୀ, ଚାଷୀ, ଛାତ୍ର ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କ ବିପୁଳ ଅଂଶଗ୍ରହଣ ଏବଂ ଉତ୍ସାହ ସହିତ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମଟି ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ବିଶ୍ୱଜିତ ମଣ୍ଡଳଙ୍କ ସ୍ୱାଗତ ଭାଷଣରେ ଆରମ୍ଭ ହୋଇଥିଲା । ଆଇ ସି ଏ ଆର - ସି ଆର ଆର ଆଇ, କଟକର ନିର୍ଦ୍ଦେଶକ ଡକ୍ଟର ଜି.ଏ.କେ. କୁମାର ସି ଆର ଆର ଆଇ ର ସଫଳତା ଉପରେ ଏକ ଉପସ୍ଥାପନା ପ୍ରଦାନ କରିଥିଲେ, ଯେଉଁଥରେ ଧାନ ଗବେଷଣା, ପ୍ରଯୁକ୍ତିବିଦ୍ୟା ବିକାଶ, ସମ୍ପ୍ରସାରଣ କାର୍ଯ୍ୟକଳାପ ଏବଂ ଅନୁଷ୍ଠାନିକ ବିକାଶ କ୍ଷେତ୍ରରେ ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ସଫଳତା ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି, ନୂଆଦିଲ୍ଲୀର କୃଷି ବୈଜ୍ଞାନିକ ନିଯୁକ୍ତି ବୋର୍ଡର ଅଧ୍ୟକ୍ଷ ପ୍ରଫେସର ସଞ୍ଜୟ କୁମାର ତାଙ୍କ ଭାଷଣରେ ଆଇ ସି ଏ ଆର - ସି ଆର ଆର ଆଇ ର ଉଲ୍ଲେଖନୀୟ ସଫଳତାକୁ ପ୍ରଶଂସା କରିଥିଲେ ଏବଂ ଧାନ ଗବେଷଣାରେ ନବସୃଜନ ଏବଂ ଉତ୍କର୍ଷତା ପ୍ରତି ନିରନ୍ତର ପ୍ରୟାସକୁ ଉତ୍ସାହିତ କରିଥିଲେ । କର୍ଯ୍ୟକ୍ରମରେ ଚତୁର୍ଥ ଡକ୍ଟର କେ. ରମୈୟା ପ୍ରତିଷ୍ଠା ଦିବସ ବକ୍ତୃତା 'ଭାରତର ଏକ ସ୍ଥାୟୀ ଜୈବିକ ଅର୍ଥନୀତିର ପଥ: ଜୈବିକ ସମ୍ବଳର ଉପଯୋଗ ଏବଂ ମୂଲ୍ୟାଙ୍କନରେ ଉଦ୍ଭାବନ' ଉପରେ ଆଲୋଚନା କରାଯାଇଥିଲା ଓ ସଂଗଠନ ସଚିବ ଡକ୍ଟର କୌଶିକ ଚକ୍ରବର୍ତୀଙ୍କୁ ପ୍ରତିଷ୍ଠା ଦିବସ ବକ୍ତୃତାର ଗୁରୁତ୍ୱ ବିଷୟରେ ସଂକ୍ଷିପ୍ତରେ ବୁଝାଇଥିଲେ । ବକ୍ତୃତାରେ ଜୈବ ସମ୍ବଳ ବ୍ୟବହାର, ମୂଲ୍ୟ ବୃଦ୍ଧି ଏବଂ ଏକ ସ୍ଥାୟୀ ଜୈବ ଅର୍ଥନୀତିର ବିକାଶରେ ଉଦୀୟମାନ ସୁଯୋଗ ଉପରେ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି, ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର କୁଳପତି ପ୍ରଫେସର ପି.କେ. ରାଉଳ ତାଙ୍କ ଅଭିଭାଷଣରେ, ସ୍ଥାୟୀ କୃଷି ଏବଂ କ୍ଷମତା ନିର୍ମାଣକୁ ପ୍ରୋତ୍ସାହିତ କରିବାରେ ଶିକ୍ଷାନୁଷ୍ଠାନ ଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ ସମୟରେ, ଅନେକ ପ୍ରକାଶନ ପ୍ରକାଶିତ ହୋଇଥିଲା, ଏବଂ ଅବସର ପ୍ରାପ୍ତ କର୍ମଚାରୀ, ମେଧାବୀ ଛାତ୍ର, ଅଗ୍ରଣୀ ଚାଷୀ, ଶ୍ରେଷ୍ଠ ଶ୍ରମିକ ଏବଂ ଶ୍ରେଷ୍ଠ ଇ ଏ ପି ପୁରସ୍କାରପ୍ରାପ୍ତଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେବା ପାଇଁ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା ଓଏହି ଅବସରରେ, ଧାନ କିସମ ସି ଆର ଧାନ ୩୧୦ର ବଣିଜ୍ୟ କରଣ ପାଇଁ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ, କଟକ ଏବଂ ଆଗୁଆ ଆଗ୍ରୋଟେକ୍ ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ଏହି ଚୁକ୍ତିନାମା ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଏବଂ ଉନ୍ନତ ଧାନ କିସମର ବ୍ୟାପକ ପ୍ରସାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମୁଖ୍ୟ ଅତିଥି ପରିବେଶଗତ ସ୍ଥାୟୀତ୍ୱ ଏବଂ ସବୁଜ ପଦକ୍ଷେପର ପ୍ରୋତ୍ସାହନର ପ୍ରତୀକ ସ୍ୱରୂପ ପ୍ରତିଷ୍ଠାନ ପରିସରରେ ଏକ ଚାରା ରୋପଣ କରିଥିଲେ । ଏହା ପରେ, ଚାଷୀ ଏବଂ ବୈଜ୍ଞାନିକମାନଙ୍କ ମଧ୍ୟରେ ଏକ ପାରସ୍ପରିକ କୃଷକ-ବୈଜ୍ଞାନିକ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯାହା ଚାଷୀମାନଙ୍କୁ ସେମାନଙ୍କର ଅଭିଜ୍ଞତା ବାଂଟିବା ଏବଂ ବୈଜ୍ଞାନିକ ମାର୍ଗଦର୍ଶନ ପାଇବା ପଇଁ ଏକ ମୂଲ୍ୟବାନ ମଂଚ ପ୍ରଦାନ କରିଥିଲା ଓ ଅପରାହ୍ଣ ଅଧିବେଶନରେ 'ମଧୁରମ' ଶୀର୍ଷକ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ଯେଉଁଥିରେ ଅଂଶଗ୍ରହଣକାରୀଙ୍କ ଦ୍ୱାରା କଳାତ୍ମକ ପ୍ରଦର୍ଶନ କରାଯାଇଥିଲା । ଏହା ପରେ ପ୍ରତିଷ୍ଠା ଦିବସ ପାଳନ ସମୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ପାଇଁ ପୁରସ୍କାର ବଂଟନ କରାଯାଇଥିଲ । ଶେଷରେ ଆୟୋଜନ ସଚିବ ଡକ୍ଟର ଏମ୍. ଶିବ ଶଙ୍କରୀଙ୍କ ଦ୍ୱାରା ଆନୁଷ୍ଠାନିକ ଧନ୍ୟବାଦ ପ୍ରସ୍ତାବ ସହିତ ଶେଷ ହୋଇଥିଲା ।

# ଅଗ୍ନିଶମ କେନ୍ଦ୍ର ସଂଯୋଗୀକରଣ ରାସ୍ତାରେ ପୋଲର ଶିଳାନ୍ୟାସ ହେଲା




ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୋଚିଆକୋଇଲି ଛକରୁ ଅଗ୍ନିଶମ କେନ୍ଦ୍ର କାର୍ଯ୍ୟାଳୟକୁ ସଂଯୋଗୀ କରଣ କରୁଥିବା ରାସ୍ତାରେ ଥିବା ନାଳ ଉପରେ ପୁରୁଣା ପୋଲର ଶିଳାନ୍ୟାସ ପରେ ଖଇରାବାସୀଙ୍କ ମନରେ ନୂଆ ଆଶା ସ□ର ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଏହି ପୋଲପାଇଁ ୩କୋଟି ୧୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଶୁକ୍ରବାର ସିମୁଳିଆ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା ଏହି ନୂତନ ପୋଲର ଭିତି ପ୍ରସ୍ତର ସ୍ଥାପନ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସେ, ସରପଂଚ ମମତାରାଣି ବେହେରା, ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଧାକାନ୍ତ ପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଦିର୍ଘଦିନ ଧରି ଏହି ପୁରୁଣା ପୋଲରେ ଦମକଳ ଗାଡି ବିପଦ ସଂକୁଳ ଅବସ୍ଥାରେ ଯାତାୟାତ କରୁଥିବା ନେଇ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଥିଲା । ଏବେ ପୋଲ ନିର୍ମାଣ କରାଗଲା ଖୁବଶିଘ୍ର କୋଚିଆକୋଇଲି ଛକରୁ କବର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଅର୍ଥ ବ୍ୟବସ୍ଥା କରାଯିବ ବୋଲି ବୋର୍ଡ ଅଧ୍ୟକ୍ଷ ପ୍ରତିଶୃତି ଦେଇଥିଲେ ।

## ନାବାଳକଙ୍କୁ ଚାପିଦେଲା ଜେସିବି

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଡାଲଙ୍ଗ ଗ୍ରାମ ପଂଚାୟତ ଅଧୀନ ଖଇରାଡିହି ଗ୍ରାମର ଅଣଓସାରିଆ ରାସ୍ତାରେ ଦ୍ରୁତ ଗତିରେ ଆସୁଥିବା ଏକ ଜେସିବି ଚାପି ଦେବାରୁ ମହେଶ୍ୱର ମଲ୍ଲିକଙ୍କ ଦେଢବର୍ଷର ଶିଶୁପୁତ୍ର ଶିବାଂଶୁଙ୍କର ମୃତ୍ୟୁ ଘଟିଛି । ଦିନ ପ୍ରାୟ ୧୨ଟା ବେଳେ ଶିବାଂଶୁ ଜେଜେ ମାଙ୍କ ପଛେ ପଛେ ରାସ୍ତା ଅତିକ୍ରମ କରୁଥିବା ବେଳେ ଡ୍ରାଇଭରଙ୍କ ଅସାବଧାନତା ଯୋଗୁଁ ଜେସିବି ଶିବାଂଶୁ ଉପରେ ଚଢି ଯାଇଥିଲା । ଗଚରୁତର ଅବସ୍ଥାରେ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇ ଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ସେପଟେ ଦୁର୍ଘଟଣା ପରେ ଡ୍ରାଇଭର ଜେସି ଛାଡି ଫେରାର ହୋଇ ଯାଇଛି । ଖବର ଦିଆଯିବା ସତ୍ୱେ ପୋଲିସ ସଂଧ୍ୟା ପର୍ଯ୍ୟନ୍ତ ଘଟଣାସ୍ଥଳକୁ ଯାଇ ନ ଥିବା ସ୍ଥାନୀୟ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଜାତୀୟ ପଂଚାୟତିରାଜ ଦିବସ ପାଳିତ

ଖୋର୍ଦ୍ଧା(ନିପ୍ର): ମହିଳା ସଶକ୍ତି କରଣରେ ସମାଜର ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହୋଇ ଚାଲିଛି, ପ୍ରତ୍ୟେକ ନାରୀ ପଂଚାୟତର ଉନ୍ନତି ପାଇଁ ନିଜର ଘର ଭଳି ସେବା ଯୋଗାଇ ନିଜର କର୍ତବ୍ୟ ଓ ଦାୟିତ୍ୱରେ ଏକାଗ୍ରତା ଏବଂ ପ୍ରତ୍ୟେକ କାର୍ଯ୍ୟରେ ଉଭୟ ପୁରୁଷ ଓ ନାରୀ ସଭାଗିତାରେ ସଚେତନ ହୋଇ ସଠିକ୍ ଭାବେ କାର୍ଯ୍ୟ ନିର୍ବାହ କଲେ ପଂଚାୟତ ରାଜ ବ୍ୟବସ୍ଥା ଆହୁରି ସୁଦୃଢ଼ ହୋଇ ରାଜ୍ୟ ଓ ରାଷ୍ଟ୍ରର ଦୃତ ବିକାଶ ଅଧିକରୁ ଅଧିକ ଆଗକୁ ବଢ଼ି ସୁଦୃଢ଼ ହେବ ବୋଲି ଉଦ୍‌ବୋଧନ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା ଯୋଗ ଦେଇ କହିଲେ ପଂଚାୟତ ପ୍ରତିନିଧି ମାନେ ତ୍ୟାଗର ସହ କାର୍ଯ୍ୟ କରିବା ଦ୍ୱାରା ପଂଚାୟତି ରାଜ ବ୍ୟବସ୍ଥା ସୁଦୃଢ଼ ହେଉଅଛି । ସେ ଆହୁରି କହିଥିଲେ ସରକାରୀ କର୍ମଚାରୀ ମାନେ ମଧ୍ୟ ଲୋକଙ୍କୁ ଓ ଜନପ୍ରତିନିଧିଙ୍କୁ ବୁଝାଇ ଯୋଜନା ପ୍ରଣୟନରେ କର୍ତବ୍ୟ ନିର୍ବାହ କଲେ ପଂଚାୟତ ରାଜ ବ୍ୟବସ୍ଥା ଆଗକୁ ଯିବ ଏବଂ ପଲ୍ଲୀରୁ ଦିଲ୍ଲୀ ବିକାଶ ହେବ ବୋଲି ଉଦବୋଧନ ରଖିଥିଲେ । ସଭାପତି ଅଭିଭାଷଣରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ କହିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସମୟରେ ପଂଚାୟତି ରାଜ ବ୍ୟବସ୍ଥା ବିଶେଷ ଭାବେ ପ୍ରତିଫଳନ ହୋଇଥିଲା । ୭୩ ତମ ସାମ୍ବିଧାନିକ ବ୍ୟବସ୍ଥା ତ୍ରୀ ସ୍ତରୀୟ ଶାସନ ବ୍ୟବସ୍ଥାରେ ମହିଳା ମାନେ ନେତୃତ୍ୱ ନେଉଛନ୍ତି । ଅଙ୍ଗନୱାଡ଼ି କେନ୍ଦ୍ର ଠାରୁ ଆରମ୍ଭ କରି, ଧାନ ସଂଗ୍ରହଣ କେନ୍ଦ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ଆୟ ବର୍ଦ୍ଧିତ, ମୌଳିକ ସେବା ସୁନିଶ୍ଚିତ, କ୍ଷମତାର ବିକେନ୍ଦ୍ରୀ କରଣ ଏବଂ ଉଭୟ ଜନ ପ୍ରତିନିଧି ଏବଂ ସରକାରୀ କର୍ମଚାରୀ କାନ୍ଧକୁ କାନ୍ଧ ମିଳାଇ ସେବା କରି ପଂଚାୟତକୁ ବିକାଶ ଦିଗରେ କାର୍ଯ୍ୟ କରି ପଂଚାୟତ ବ୍ୟବସ୍ଥାକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ କହିଲେ ରିକ ବେଦରୁ ଆଯକୁ ତିନି ହଜାର ରୁ ତିନିହଜାର ପାଂଚଶହ ବର୍ଷ ତଳେ ଗ୍ରାମ ଶାସନ ମୁଖିଆଙ୍କ ପରାମର୍ଶ କ୍ରମେ ଲୋକମାନେ ଏକାଠି ହୋଇ କାର୍ଯ୍ୟ କରୁଥିଲେ ଯାହା ଆଜି ପଂଚାୟତ ରାଜ ବ୍ୟବସ୍ଥାରେ ପରିଣତ ହେବାସହ ୭୩ ସମ୍ବିଧାନ ସଂଶୋଧନରେ ଏହାର କାର୍ଯ୍ୟକାରିତା ମଜବୁତ୍ ହୋଇଛି । ପ୍ରତ୍ୟେକ ନାଗରିକ ନିଜର କର୍ତବ୍ୟ ଓ ଦାୟିତ୍ୱରେ ସଚେତନ ରହିଲେ ପଂଚାୟତ ରାଜ୍ ଅନୁଷ୍ଠାନ ବିକାଶରେ ମାଇଲ ଖୁଂଟ ସାଜିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ ଭାରତର ଆତ୍ମା ଗ୍ରାମରେ ଅଛି ଏଣୁ ଆମେ ସମସ୍ତେ ଏହି ପବିତ୍ର ଅନୁଷ୍ଠାନର ସମସ୍ତେ ସହଭାଗିତା ହୋଇ ରାଷ୍ଟ୍ର ବିକାଶରେ କାର୍ଯ୍ୟ କରିବାକୁ ବାର୍ତା ଦେଇଥିଲେ ।

# ଦେଶୀ ରନ୍ଧା ମଦ ଜବତ, ୩ ଗିରଫ

ସୋର(ନିପ୍ର): ସୋର ଆଦର୍ଶ ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀମଦ ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏକ ଟିମ ସହ ସୋର ଥାନା ଅନ୍ତର୍ଗତ ସବିରା ଗ୍ରାମରେ ଚଢ଼ାଉ କରି ଲମ୍ବୋଦର ସାହୁ ନିକଟରୁ ୩୦ ଲିଟର, ବର୍ତନା ଗ୍ରାମର ରତିକାନ୍ତ ରଣା ନିକଟରୁ ୨୫ ଲିଟର ଓ ମୂଳିସିଂ ଗ୍ରାମର ସୁକାନ୍ତି ସିଂ ନିକଟରୁ ୪୦ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ । ଅପରାହ୍ଣରେ ସୋର ମେଡ଼ିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜବତ ମଦର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ସୋର ଆଦର୍ଶ ଅବକାରୀ ଥାନା ସହ ଉପ-ନିରୀକ୍ଷକ ବସନ୍ତ କୁମାର ବାରିକ ଓ କ୍ଷୀରୋଦ କୁମାର ସାହୁ କନେଷ୍ଟବଳ ମିନତୀ ପରିଡ଼ା ପ୍ରଭୃତି ସାମିଲ ଥିଲେ ।

# ଶନିଶ୍ଚର ମହାଗ୍ରହଙ୍କର ୧୩ତମ ବାର୍ଷିକ ଉତ୍ସବ ଓ ମହାଯଜ୍ଞ




କଟକ(ନିପ୍ର): ସଦର ଥାନା ଅନ୍ତର୍ଗତ ୫୬ନମ୍ବର ୱାର୍ଡର ମୁକାମେଶ୍ୱର ଗ୍ରାମରେ ଶନିଶ୍ଚର ମହାପ୍ରଭୁଙ୍କର ନାମଯଜ୍ଞ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସାହିର ୫୦୦ରୁ ଉର୍ଦ୍ଧ୍ୱ ମହିଳା କଳସ ଯାତ୍ରାରେ ଯୋଗ ଦେଇଗ୍ରାମ ପରିକ୍ରମା କରିବା ସହିତ ନଦିଆ କୀର୍ତନ ମଣ୍ଡଳୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ଗ୍ରାମର ମୁରବୀ ତଥା ଯୁବକ ସଂଘ ଓ ବହୁ ମହିଳା, ଛୋଟ ଛୋଟ ପିଲା, ଆଖ ପାଖରୁ ଆସିଥିବା ପଡୋଶୀ ଗ୍ରାମର ମୁରୁବୀ ଓ ମହିଳା ମାଆ ଭଉଣୀମାନେ ସହସ୍ର ସଂଖ୍ୟାରେ ପରିକ୍ରମାରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଆର୍ତରଞ୍ଜନ ବିଶ୍ୱାଳ ଯୋଗ ଦେଇଥିବା ବେଳେ, ମୁକାମେଶ୍ୱର ଗ୍ରାମକମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ଏହି କାର୍ଯକ୍ରମରେ କର୍ତା ଶିଶିର ଚନ୍ଦ୍ର ଦାସ, କର୍ତୀ ସରସ୍ୱତୀ ଦାସ, କର୍ତା ବିଶ୍ୱରଞ୍ଜନ ପାଇକରାୟ, କର୍ତୀ ଯାଜ୍ଞସେନୀ ପାଇକରାୟ ଓ କମିଟିର ସମସ୍ତ ସଭ୍ୟମାନେ ପୂର୍ଣ୍ଣ ମାତ୍ରାରେ ସହଯୋଗ କରିଥିଲେ ।

# ଓଡ଼ିଶୀ ନୃତ୍ୟର ତାଳେ ତାଳେ ଅନ୍ତରା ମହୋତ୍ସବ ଉଦ୍‌ଯାପିତ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତିପୁର ହାଇସ୍କୁଲ ପଡିଆରେ ଚାଲିଥିବା ତୃତୀୟ ଅନ୍ତରା ମହୋତ୍ସବ ଗୁରୁବାର ସଂଧ୍ୟାରେ ସଭା ସମ୍ବର୍ଦ୍ଧନା ସାଙ୍ଗକୁ ଭୁବନେଶ୍ୱର ଆଦ୍ୟାଶା ଗ୍ରୁପ ଦ୍ୱାରା ପରିବେଶିତ ଓଡିଶୀ ନୃତ୍ୟର ତାଳେ ତାଳେ ଉଦଯାପିତ ହୋଇ ଯାଇଛି। ତ୍ରିଲୋଚନ ଉପାଧ୍ୟାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମହୋତ୍ସବ ନିଜ ଅଂଚଳର କଳା ଓ ସଂସ୍କୃତିକୁ ଲୋକାଭିମୁଖି କରିଥାଏ ବୋଲି ଉଲ୍ଲେଖ କରିଥିଲେ । ଗରସଙ୍ଗ ସରପଂଚ ରାଜେନ୍ଦ୍ର କୁମାର ଦାସ, ଶିକ୍ଷକ ନଟବର ମହାପାତ୍ର, ବନ୍ଧଗାଁ ସରପଂଚ ନିରୋଦ ରାଉତ ଓ ସମିତିସଭ୍ୟ ଚନ୍ଦ୍ରକାନ୍ତ ମହାପାତ୍ର, ଆମ୍ବରୋଳି ସରପଂଚ କ୍ଷୀରୋଦ ଚନ୍ଦ୍ର ଦାଶ, ସୁଦାମ ପ୍ରଧାନ, ସରୋଜ ବିଶ୍ୱାଳ, ରତ୍ନାକର ଶୁକ୍ଳ, ରଘୁନାଥ ଦାଶ, ପ୍ରମୋଦ ଦାଶ, ଗଣେଶ ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଉପସ୍ଥାପକ ବସନ୍ତ ବିଶ୍ୱାଳ ଓ ଉପସ୍ଥାପିକା ଅଭିଲିପ୍ସା ଉପାଧ୍ୟାୟ, ରଶ୍ମି ରଞ୍ଜନ ମହାପାତ୍ର, କନକଲତା ବିଶ୍ୱାଳ, ରଘୁନାଥ ଦାସ, ଜ୍ୟୋତି ରଞ୍ଜନ ପଣ୍ଡା, ମାୟାଧର ଜେନା, କାହ୍ନୁ ଚରଣ କୁଅଁର ଏବଂ ଗଣମାଧ୍ୟମ ପ୍ରତିନିଧି ଅନାମ ଚରଣ ପଣ୍ଡା, ଆନନ୍ଦ ବେହେରା ଓ ଉତ୍କଳବନ୍ଧୁ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ତେବେ ମହତିପୁର ପଡିଆରେ ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ଜବରଦଖଲ ଯୋଗୁଁ ପଡିଆ ସଙ୍କୁଚିତ ହେଉଥିବା ନେଇ କମିଟିର କର୍ମକର୍ତାମାନେ ଉଦ୍‌ବେଦ ପ୍ରକାଶ କରିଥିଲେ ।

# ଡ୍ରେନ ନିର୍ମାଣ ବେଳେ ଶ୍ରମିକଙ୍କ ଉପରେ ସଂଘବଦ୍ଧ ଆକ୍ରମଣ

ଧାମନଗର(ନିପ୍ର): ଧାମନଗର ବ୍ଲକ ଧୁଷୁରୀ ଥାନା ଅନ୍ତର୍ଗତ ସାହାସପୁର ଗ୍ରାମରେ ଡ୍ରେନ ଖୋଳାକୁ ବିରୋଧ କରି କାର୍ଯ୍ୟରେ ନିୟୋଜିତ ଥିବା ଶ୍ରମିକଙ୍କୁ ଗ୍ରାମର ବାପ ଏବଂ ଦୁଇ ପୁଅ ମିଳିତ ଆକ୍ରମଣ କରିବା ଫଳରେ ଶ୍ରମିକ ଜଣକ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତି ହୋଇଛନ୍ତି । ଶ୍ରମିକଙ୍କ ଗୋଡ଼କୁ ହାତୁଡିରେ ପିଟିବା ଦ୍ୱାରା ତାଙ୍କର ଗୋଡ଼ ହାଡ଼ ଦୁଇ ଖଣ୍ଡ ହୋଇଥିବା ଏକ୍ସରେ ରିପୋର୍ଟରୁ ଜଣାଯାଇଛି । ଅଭିଯୋଗରୁ ପ୍ରକାଶ ସାହାସପୁର ଗ୍ରାମ ଜଗନ୍ନାଥ ମନ୍ଦିର ଠାରୁ ସୂତାର ସାହି ପର୍ଯ୍ୟନ୍ତ ରାସ୍ତା କଡରେ ଡ୍ରେନ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ମଞ୍ଜୁର ହେବା ପରେ ଠିକାଦାର ରାସ୍ତା କଡରେ ବାଲି ଚିପ୍ସ ଇତ୍ୟାଦି ରଖି ଡ୍ରେନ କାର୍ଯ୍ୟ ଆରମ୍ଭ କରିଛନ୍ତି । ଅପରପକ୍ଷେ ଗ୍ରାମ ଭିତରକୁ ପ୍ରବେଶ ପାଇଁ ତିନୋଟି ରାସ୍ତା ମଧ୍ୟ ରହିଛି । ହେଲେ ଗୁରୁବାର ଡ୍ରେନ କାର୍ଯ୍ୟ ଚାଲୁଥିବା ସମୟରେ ଗ୍ରାମର ଶରତ ପୋଥାଳ ଏବଂ ତାଙ୍କର ଦୁଇ ପୁଅ ସମୀର ଓ ଶେଖର ଆକ୍ରୋଶ ମୂଳକ ଭାବେ ରାସ୍ତାରେ କାହିଁକି ବାଲି ଚିପ୍ସ ଢଳା ଯାଇ ରାସ୍ତା ଅବରୋଧ କରାଯାଉଛି ଏଭଳି ବିଭିନ୍ନ କଥା କହି କାର୍ଯ୍ୟକୁ ବିରୋଧ କରିବା ସହ କାର୍ଯ୍ୟରେ ନିୟୋଜିତ କୋଠାର ଗ୍ରାମର ଶ୍ରମିକ ରବୀନ୍ଦ୍ର ମଲିକଙ୍କ ପୁଅ କୈଳାସ ମଲିକ (୪୦)ଙ୍କ ସହିତ ଯୁକ୍ତି ତର୍କ ଗାଳି ଗୁଲଜ କରି ସଂଘ ବଦ୍ଧ ଭାବେ ହାତୁଡି ରେ ତାଙ୍କ ହାତ ଓ ଗୋଡ଼କୁ ଶକ୍ତ ପ୍ରାହର କରିଥିଲେ । ଏହାଦ୍ୱାରା କୈଳାସର ଗୋଡ଼ ଭାଙ୍ଗି ସେ ଗୁରୁତର ହୋଇଥିଲେ । ତୁରନ୍ତ ତାଙ୍କୁ ଧୁଷୁରୀ ପରେ ଭଦ୍ରକ ଡାକ୍ତର ଖାନାରେ ଚିକିତ୍ସା କରାଯାଉଛି । ତାଙ୍କର ଗୋଡ଼ ହାଡ଼ ଦୁଇ ଖଣ୍ଡ ହୋଇଛି । ଏ ସମ୍ପର୍କରେ ଥାନାରେ ଥାନାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ମାନେ ଫେରାର ଅଛନ୍ତି । ତେବେ ଖରା ରେ ନିଜର ପରିବାର ପୋଷଣ ପାଇ କାମ କରୁଥିବା ବେଳେ ଶ୍ରମିକ କୁ ଏପରି ଆକ୍ରମଣ ସାଧାରଣରେ ନିନ୍ଦା କରା ଯାଇଛି ।

# ପଂଚାୟତ ସମିତି ପକ୍ଷରୁ ପଂଚାୟତରାଜ ଦିବସ-୨୦୨୬ ପାଳିତ



ଖୁଂଟା(ନିପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଦ୍ୟ ତା ୨୪.୦୪.୨୬ ରିଖ, ପଂଚାୟତ ସମିତି ପରିସରରେ, ମହା ସମାରୋହରେ ପାଳିତ ହୋଇଛି, ଏହି ପଂଚାୟତରାଜ ଦିବସ । ପଂଚାୟତରାଜ ଦିବସ ପାଳନ ଅବସରରେ ଉପସ୍ଥିତ ଅଧକ୍ଷ ଶ୍ରୀ ସୁଧନ୍ୟା ନାୟକ, ବିଡ଼ିଓ ସତ୍ୟଜିତ ରାଉତ ଏବଂ ସମସ୍ତ ପି ଆର ଆଇ ମେମ୍ବର ମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସମସ୍ତେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ଜଳନ କରି କାର୍ଯକ୍ରମକୁ ଆଗକୁ ନେଇଥିଲେ । ବିଡ଼ିଓ ଶ୍ରୀ ରାଉତ ପଂଚାୟତରାଜ ଦିବସ ପାଳନର ଲକ୍ଷ ଉଦ୍ଦେଶ୍ୟ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ । ୧୯୯୩ ମସିହା ୨୪ ଏପ୍ରିଲରେ ଏହି ପଂଚାୟତରାଜ ବ୍ୟବସ୍ଥାକୁ ସାମ୍ବିଧାନିକ ଦର୍ଯ୍ୟା ମିଳିଥିଲା । ଗ୍ରାମାଂଚଳରେ ସ୍ୱଶାସନ ଏବଂ ସ୍ୱସକ୍ତିକରଣ କରିବା ହେଉଛି ଏହାର ମୁଖ୍ୟ ଲକ୍ଷ୍ୟ ।ଓଡ଼ିଶା ସରକାରଙ୍କ ପଂଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଖୁଂଟା ବ୍ଲକ ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ, ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଲାଙ୍ଗିର ଜିଲ୍ଲାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଥିବା ବହୁ ମୂଲ୍ୟବାନ ବାର୍ତା ଭିଡିଓ କନଫରେନ୍ସ ମାଧ୍ୟମରେ ଖୁଂଟା ଅଂଚଳବାସୀ ଶୁଣିଥିଲେ । ଖୁଂଟା ପଂଚାୟତ ସମିତି ପକ୍ଷରୁ ବିଭିନ୍ନ ପଂଚାୟତରେ ବିକଶିତ ଓଡ଼ିଶା ବିକଶିତ ଗାଁ ଏବଂ ଅନ୍ୟାନ୍ୟ ଯୋଜନାରେ ସଫଳତାର ସହ ସମ୍ପାଦିତ ହୋଇଥିବା ପ୍ରକଳ୍ପ ଗୁଡ଼ିକର ଚିତ୍ର ପ୍ରଦର୍ଶିତ କରାଯାଇଥିଲା । ବିଭିନ୍ନ ପଂଚାୟତ ମାନଙ୍କୁ ଏହି ସଫଳତା ପାଇଁ ପୁରସ୍କୃତ ଏବଂ ସମ୍ମାନୀତ କରାଯାଇଥିଲା । ଅନ୍ତୋଦୟ ଯୋଜନାରେ ବିଭିନ୍ନ ପଂଚାୟତରୁ ଆସିଥିବା କିଛି ହିତାଧିକାରୀ ମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ସମ୍ପୂର୍ଣ୍ଣ ହୋଇଥିବା ଅନ୍ତୋଦୋୟ ଆବାସ ହିତାଧିକାରୀ ମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ବାର୍ତା ଶୁଣିବା ପାଇଁ ବ୍ଲକ ପରିସର ରେ ପୋଲିସ ପ୍ରଶାସନ, ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ବିଭିନ୍ନ ଅଂଚଳରୁ ବହୁ ଜନ ସମାଗମ ହୋଇଥିବା ଦେଖିବାକୁ ମିଳିଛି । ବ୍ଲକର ସମସ୍ତ କର୍ମଚାରୀ ନିଷ୍ଠାର ସହିତ ଏହି ଗୁରୁତ୍ୱ ପୁର୍ଣ୍ଣ ମହାନ ଐତିହାସିକ ଦିବସକୁ ପାଳନ କରିବା ପାଇଁ ସମସ୍ତ ପ୍ରକାର ସହଯୋଗ କରିଥିଲେ ।



# ଚଳଚିତ୍ର ପ୍ରଯୋଜକ ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ହରେକୃଷ୍ଣ ଗିରିଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



ବାଲିଆପାଳ,( ନି.ପ୍ର ) ନିସ୍ୱାର୍ଥପର ସେବା ଓ ତ୍ୟାଗପୂତ ଜୀବନ ପାଇଁ ବିଶିଷ୍ଟ ସମାଜସେବୀ, ସଂଗଠକ, ବିଚାରକ ତଥା ଚଳଚିତ୍ର ପ୍ରଯୋଜକ ହରେକୃଷ୍ଣ ଗିରି ଜନ ମାନସରେ ଅମର ବୋଲି ଶୁକ୍ରବାର ଏସ କେ ଜି ସାରସ୍ୱତ ଟ୍ରଷ୍ଟ ପକ୍ଷରୁ ପାରୁଳିଆ ଛକ ସ୍ଥିତ ସ୍ୱର୍ଗତ ହରେକୃଷ୍ଣ ଗିରିଙ୍କ ପ୍ରତିମୂର୍ତ୍ତି ଠାରେ ଆୟୋଜିତ ୧୬ ତମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଭାରେ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରି ଛନ୍ତି । ଟ୍ରଷ୍ଟ ର ସଭାପତି ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସାଂସଦ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ , ପ୍ରାକ୍ତନ ଡି ଆଇ ସୁବାସ ଚନ୍ଦ୍ର ଚୌଧୁରୀ, ପ୍ରାକ୍ତନ ଅଧ୍ୟାପକ କୁଞ୍ଜକାନ୍ତ ପାତ୍ର, ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ,ପ୍ରାକ୍ତନ ଏସ ଆଇ ଅଫ ସ୍କୁଲସ୍ ମନ୍ମଥ କୁମାର ସାହୁ , ବାଘା ଯତୀନ ସ୍ମୃତି ପରିଷଦ ସଭାପତି ଅରବିନ୍ଦ ବେହେରା, ଯବନ କବି ସେକ ନିମାଜୀ, କବି ବିଜୟ କୁମାର ପାତ୍ର, ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସମ୍ପାଦକ ସନ୍ୟାସୀ ବେହେରା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଧାଂଶୁ ପାଣ୍ଡା, ଶ୍ରୀହରି ମଣ୍ଡଳ , ସାମ୍ବାଦିକ ଗୋପାଳ ସାହୁ, ଗୋପାଳ କୃଷ୍ଣ ବିଶ୍ୱାଳ, ପ୍ରକାଶ ପ୍ରଧାନ , ଦିଲ୍ଲୀପ କୁମାର ଦାସ, ସାମ୍ବାଦିକା ରମିତା ବିଶ୍ୱାଳ , କଣ୍ଠଶିଳ୍ପୀ ରାମ କୃଷ୍ଣ ଦାସ ଅଧିକାରୀ, ନଳିନୀ କାନ୍ତ ପାଢ଼ୀ, ଜିତେନ୍ଦ୍ର ପାତ୍ର, ହରେକୃଷ୍ଣ ତ୍ରିପାଠୀ, ଶ୍ରୀହରି ମଣ୍ଡଳ, ସବିତା ଦାସ, ଜୟନ୍ତ କୁମାର ଭୂୟାଁ, ମନୋଜ କୁମାର ସି, ହରିହର ପାତ୍ର, ଆରତୀ ପାତ୍ର, ରାକେଶ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ଦିବଂଗତ ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ସ୍ମୃତି ଚାରଣ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଗିରିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ ପରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଯୁବ ସମାଜସେବୀ କ୍ଷୀତିଶ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାସ୍ତା ଅବରୋଧ କରି କାମ କରି ଫାଇନ ଦେଲେ ଘର ମାଲିକ



ସୋର, (ନି.ପ୍ର.) :ସୋର ପୌରପାଳିକା ଅନ୍ତର୍ଗତ ଷ୍ଟେସନ ଛକରେ ବିନା ଅନୁମତିରେ ବ୍ରିଜ ତଳ ରାସ୍ତା ଅବରୋଧ କରି କାମ କରୁଥିବାରୁ ସୋର ପୌର ପାଳିକା ୫୦ ହଜାର ଟଙ୍କା ଫାଇନ ଆଦାୟ କରିଛି । ସୁଚନା ଅନୁସାରେ ସୋର ପୌରାଂଚଳ କମରପୁରର ଚିନ୍ତାମଣି ବାରିକ ସୋର ଷ୍ଟେସନ ରାସ୍ତା କଡରେ ଥିବା ତାଙ୍କ ଘରେ ଛାତ ପକାଉଥିଲେ । ଏହି ସମୟରେ ନିର୍ମାଣ ସାମଗ୍ରୀକୁ ରାସ୍ତା ଉପରେ ରଖିବା ସହିତ ଏକ ଦଉଡି ଟାଣି ରାସ୍ତା ବନ୍ଦ କରିଥିଲେ । ଫଳରେ ଲୋକେ ବିଭିନ୍ନ ଅସୁବିଧାକୁ ସମ୍ମୁଖିନ ହୋଇ ପୌର ଅଧିକାରି ଓ ପୁଲିସରେ ଅଭିଯୋଗ କରିଥିଲେ ।ଅଭିଯୋଗ ପାଇ ସୋର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ , ସୋର ତହସିଲଦାର ଚିନ୍ମୟ ରାଉତ, ସୋର ପୁଲିସ ସହଯୋଗରେ ଘଟଣା ସ୍ଥଳରେ ପହଂଚି କାମ ବନ୍ଦ କରିବା ସହିତ ତାଙ୍କ ନିକଟରୁ ୫୦ ହଜାର ଟଙ୍କା ଫାଇନ ଆଦାୟ କରିଥିବା ଜଣାପଡିଛି ।

# ସୋର ବ୍ଲକରେ ପଂଚାୟତିରାଜ ଦିବସ ୨୦୨୬ ପାଳିତ

ସୋର(ନି.ପ୍ର.) ସୋର ବ୍ଲକ ପରିସରରେ ଜାତୀୟ ପଂଚାୟତିରାଜ ଦିବସ ସୋର ବିଡ଼ିଓ ସୁବ୍ରତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ସୋର ବ୍ଲକ ଅଧକ୍ଷା ଅନୁସୟା ମଳିକ,ଏବିଡ଼ିଓ ଅମିୟ ଚରଣ ନାଥ,ସମ୍ମାନିତ ଅତିଥି ଭାବେ ଦୀପ୍ତିକାନ୍ତ ପଣ୍ଡା,ଜିଲ୍ଲା ପରିଷଦ ସଭ୍ୟ ଜୟନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ଆଭିମୁଖ୍ୟ ବାବଦରେ ବକ୍ତବ୍ୟ ରଖିଥିଲେ । ରଶ୍ମିତା ଘଡେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଡ଼ିଓ ଶ୍ରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ ।ଏବିଡ଼ିଓ ଶ୍ରୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପଂଚାୟତରେ ବିଭିନ୍ନ ଉନ୍ନୟନମୂଳକ କାମ ଯଥା ଅନ୍ତର୍ଦ୍ଦ୍ୱୟ ଗୃହ ଯୋଜନା, କେନ୍ଦ୍ର ରାଜ୍ୟ କମିଶନ ଯୋଜନା, ମନରେଗା ଯୋଜନା, ସ୍ୱଚ୍ଛ ଭାରତ ମିଶନ ଯୋଜନା ପାଇଁ ୧୫ ଜଣ ସରପଂଚଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ତନ୍ମଧ୍ୟରୁ ବାଳଙ୍ଗ ସରପଂଚ ଦେବେନ୍ଦ୍ର ନାଥଙ୍କୁ ତିନି ଗୋଟି ଯୋଜନାରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ପଂଚକ୍ଷୟତର ସରପଂଚ,ସମିତି ସଭ୍ୟ, ସଭ୍ୟା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ ଅଧିକାରି, କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ବ୍ରହ୍ମପୁର ବୁଲ୍ସ କ୍ରିକେଟ ଟ୍ରଫି ଟର୍ଣ୍ଣାମେଂଟ ଉଦ୍‌ଘାଟିତ

ବ୍ରହ୍ମପୁର(ନି.ପ୍ର.) : ବ୍ରହ୍ମପୁର ସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ପ୍ରଥମ ବ୍ରହ୍ମପୁର ବୁଲ୍ସ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟିତ ହୋଇଯାଇଛି ।ଏହି ଟୁର୍ଣ୍ଣାମେଂଟରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର, ସମ୍ମାନୀୟ ଅତିଥି ଭାବେ ଅର୍ବାନ ବ୍ୟାଙ୍କ ସଭାପତି ଆର ମୂରଲୀ ମୋହନ, ମହାନଗର ନିଗମର କର୍ପୋରେଟର ଡି କରୁଣା କର,ପ୍ରଦୀପ ଶତପଥୀ, ତିରୁପତି ପାତ୍ର, ଟି କିଶୋର, ନୀଳକଣ୍ଠ ସାହୁ,ରଞ୍ଜିତ ବେହେରା, ଶୈଳେଶ ପାତ୍ର ଉପସ୍ଥିତ ରହି ଉଦଘାଟନ କରିଥିଲେ ।ଏହି ଟୁର୍ଣ୍ଣାମେଂଟରେ ୧୨ଟି ଦଳ ଭାଗ ନେଇଥିବା ବେଳେ ୯ ଦିନ ଧରି ଚାଲିବ ଏହି ଟୁର୍ଣ୍ଣାମେଂଟ ।ଏହି ଟୁର୍ଣ୍ଣାମେଂଟରେ ପ୍ରଥମ ମ୍ୟାଚ ଲିଭ୍ସ ସ୍ପୋର୍ଟି କ୍ଲବ ବନାମ ରମ୍ଭା କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା । ପ୍ରଥମ ଟସ୍ ଜିଣି ରମ୍ଭା କ୍ରିକେଟ କ୍ଲବ ବ୍ୟାଟିଂ ର ନିଷ୍ପତି ନେଇଥିବା ବେଳେ ୨୦ ଓଭରରେ ୪ ଟି ୱିକେଟ୍ ହରାଇ ମୋଟ ୨୩୦ ରନ୍ ସଂଗ୍ରହ କରିଥିବା ଉଭୟ ଦଳ ଲିଭ୍ସ ସ୍ପୋର୍ଟି କ୍ଲବ ମୋଟ ୭୮ ରନ୍ ସଂଗ୍ରହ କରି ପରାଜୟ ହୋଇଥିଲେ । ରମ୍ଭା କ୍ରିକେଟ କ୍ଲବ ଜିତିବା ସହ ଦଳର ରବି ରାଜ ମୋଟ ୫୬ ଗୋଟି ବଲ ରେ ୧୦୦ ରନ୍ ନଟଆଉଟ ଥିଲେ ତାଙ୍କୁ ମେନ୍ ଅଫ ଦ ମ୍ୟାଚ ଘୋଷଣା କରାଯାଇଥିଲା । ଏହି ମ୍ୟାଚ୍ କୁ ରଜନୀ କାନ୍ତ ରେଡ୍ଡୀ ଓ ଦିରେନ୍ ସାବତ ଅମ୍ପାଇର ରୂପେ ପରିଚାଳନା କରିଥିଲେ ।

## ମୁକାମେଶ୍ୱର ଗ୍ରାମରେ ଶନିଶ୍ଚର ମହାଗ୍ରହଙ୍କର ୧୩ତମ ବାର୍ଷିକ ଉତ୍ସବ ଓ ମହାଯଜ୍ଞ



କଟକ : (ନି. ପ୍ର)ସଦର ଥାନା ଅନ୍ତର୍ଗତ ୫୬ନମ୍ବର ୱାର୍ଡର ମୁକାମେଶ୍ୱର ଗ୍ରାମରେ ଶନିଶ୍ଚର ମହାପ୍ରଭୁଙ୍କର ନାମଯଜ୍ଞ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସାହିର ୫୦୦ରୁ ଉର୍ଦ୍ଧ୍ୱ ମହିଳା କଳସ ଯାତ୍ରାରେ ଯୋଗ ଦେଇଗ୍ରାମ ପରିକ୍ରମା କରିବା ସହିତ ନଦିଆ କୀର୍ତନ ମଣ୍ଡଳୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ଗ୍ରାମର ମୁରବୀ ତଥା ଯୁବକ ସଂଘ ଓ ବୋହୁ ମହିଳା,ଛୋଟ ଛୋଟ ପିଲା, ଆଖ ପାଖରୁ ଆସିଥିବା ପଡୋଶୀ ଗ୍ରାମର ମୁରବୀ ଓ ମହିଳା ମାଆ ଭଉଣୀମାନେ ସହସ୍ର ସଂଖ୍ୟାରେ ପରିକ୍ରମାରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଆର୍ତରଞ୍ଜନ ବିଶ୍ୱାଳଯୋଗ ଦେଇଥିବାବେଳେ, ମୁକାମେଶ୍ୱର ଗ୍ରାମକମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ।ଏହିକାର୍ଯକ୍ରମରେ କର୍ତା ଶିଶିର ଚନ୍ଦ୍ର ଦାସ, କର୍ତୀ ସରସ୍ୱତୀ ଦାସ, କର୍ତା ବିଶ୍ୱରଞ୍ଜନ ପାଇକରାୟ, କର୍ତୀ ଯା ଜ୍ଞସେନୀ ପାଇକରାୟ ଓ କମିଟିର ସମସ୍ତ ସଭ୍ୟମାନେ ପୂର୍ଣ୍ଣ ମାତ୍ରାରେ ସହଯୋଗ କରିଥିଲେ ।

## ରଟିଣାରେ ପଂଚାୟତିରାଜ ଦିବସ ପାଳନ

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଟିଣା ପ□ାୟତ କାର୍ଯ୍ୟାଳୟରେ ଶୁକ୍ରବାର ପ□ାୟତିରାଜ ଦିବସ ପାଳିତ ହୋଇ ଯାଇଛି । ସରପ□ ବାସନ୍ତୀ ମହାନ୍ତିଙ୍କଯକ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମିତିସଭ୍ୟା ଛାବିଲତା ମହାପାତ୍ର,ଶିକ୍ଷାବିତ ସୁରେନ୍ଦ୍ର ବେହେରା ,ରମେଶ ପୁହାଣ,ସୁଦର୍ଶନ ସାହୁ,ବୟୋଜ୍ୟେଷ୍ଠ ବ୍ୟକ୍ତି କରୁଣାକର ମହାପାତ୍ର,ଅର୍ଜୁନ ଶତପଥି,ଗୋପିନାଥ ପାଢୀ,ପ୍ରାକ୍ତନ ଅଧ୍ୟାପକ ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପ□ାୟତରାଜ ବ୍ୟବସ୍ଥାରେ କରାଯାଉଥିବା ଉନ୍ନତିମୁଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଅଞ୍ଜନ ମହାପାତ୍ର,ପ୍ରଭାତ ଜେନା,ହରେକୃଷ୍ଣ ମହାକୁଡ,କୈଳାସ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଲକ୍ଷ୍ମୀପ୍ରିୟା ଦାସ,ବୈଳିସ୍ମା ମହାପାତ୍ର,ଅତସୀ ସାମଲ,ପ୍ରିୟାଂଶୀ ସାହୁଙ୍କ ଦ୍ୱାରା ବନ୍ଦ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା ।



# ନୃତ୍ୟ ପ୍ରଜ୍ଞା ଉତ୍ସବ ୨୦୨୬: ମନ ମୋହିଲା ଲକି ପ୍ରଜ୍ଞାଙ୍କ ଚିତାକର୍ଷକ ପ୍ରଦର୍ଶନ



ଭୁବନେଶ୍ୱର, :ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ପ୍ରଜ୍ଞା ଉତ୍ସବ ୨୦୨୬ ଏପ୍ରିଲ ୨୪ ତାରିଖରେ ଭଞ୍ଜ କଳାମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟା ୬ଟାରେ ଆରମ୍ଭ ହୋଇଥିବା ଏହି ନୃତ୍ୟ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଡ଼କ୍ଟର ଶ୍ୟାମାମଣି ଦେବୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନୀୟ ଅତିଥିମାନଙ୍କ ମଧ୍ୟରେ ଓଡିଶା କର୍ମଚାରୀ ଚୟନ ଆୟୋଗର ଅଧ୍ୟକ୍ଷ ସୁଧାକର ବର୍ଗୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକା ଶ୍ରୀମତୀ ଶୁଚିସ୍ମିତା ମନ୍ତ୍ରୀ, ଉଡାନ ଫାଉଣ୍ଡେସନର ଅଧ୍ୟକ୍ଷ ହିମାଂଶୁ ଶେଖର ନାୟକ, ଆକାଶବାଣୀ ଓ ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଡ଼କ୍ଟର ଶାନ୍ତନୁ କୁମାର ରଥ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ଓଡିଶୀ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ରୋଟାରୀ ଇଂଟରନ୍ୟାସନାଲର ପୂର୍ବତନ ସଭାପତି ଲେଫ୍ଟନାଂଟ କର୍ଣ୍ଣେଲ ସୋନାଲି ରଥ ଓ ଓରେଡାର କମ୍ପାନୀ ସଚିବ ଜିତେନ୍ଦ୍ରିୟ ମହାନ୍ତି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଓଡିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ଡ଼କ୍ଟର କୁମ୍ ?କୁମ୍ ମହାନ୍ତିଙ୍କ ସହ ନବପ୍ରତିଭା, ପୁରୀ; ଗୀତଗୋବିନ୍ଦ ଚାରିଟେବଲ ଟ୍ରଷ୍ଟ; ନୃତ୍ୟ ପ୍ରଜ୍ଞା ଚାରିଟେବଲ ଟ୍ରଷ୍ଟ, କଟକ; ଓ ଆରାଧନା ନୃତ୍ୟ ଏକାଡେମୀ, ଭୁବନେଶ୍ୱରର କଳାକାରମାନେ ଅଂଶଗ୍ରହଣ କରି ଓଡିଶୀ, ଦେବଦାସୀ ଓ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରିଥିଲେ ।ଏହି ଭବ୍ୟ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଦର୍ଶକ ଯୋଗଦେଇ ଏହି ପାରମ୍ପରିକ ନୃତ୍ୟଶୈଳୀମାନଙ୍କର ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ । ନୃତ୍ୟ ପ୍ରଜ୍ଞା ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ଲକି ପ୍ରଜ୍ଞା ପ୍ରତିଷ୍ଠିତ ମହାନ୍ତି ଓ ସଚିବ ସସ୍ମିତା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମେର ପଦ୍ମଶ୍ରୀ ଡ଼କ୍ଟର କୁମକୁମ ମହାନ୍ତିଙ୍କୁ ପ୍ରଥମ ନୃତ୍ୟପ୍ରଜ୍ଞା ସମାନ ୨୦୨୬ ପ୍ରଦାନ କରାଯାଇଥିଲା ।

# କେନାଲ୍ ସଡ଼କ ଉପରେ ବ୍ୟାପକ ଜାମ



ନୂଆପଡ଼ା, (ନି.ପ୍ର) ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହର ମଧ୍ୟ ରେ ନୂଆପଡ଼ା ମଡେଲ ଡିଗ୍ରୀ କଲେଜ ରହିଥିବା ବେହେ ଏହି କାଜୋଲ କୁ ଯାତାୟାତ ପାଇଁ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଦ୍ୟାର୍ଥୀମାନେ କେନାଲ୍ ସଡ଼କ ଉପରେ ନିର୍ଭରଶୀଳ । ଏହି କେନାଲ୍ ସଦକାଧୁ ବିପଦ ସଙ୍କୁଳ ଅବସ୍ଥାରେ ରେ ଯାତାୟାତ କରୁଛନ୍ତି । ମଡେଲ ଡିଗ୍ରୀ କଲେଜ ଛାତ୍ର ଛାତ୍ରୀ ଯାତାୟାତ କରୁଥିବା ବେଳେ ରାଜ୍ୟ ପଣ୍ୟାଗାର କୁ ଚାଉଳ ଯୋଗାଣ ପାଇଁ ଭାରି ଯାନ ଯାତାୟାତ କରୁଅଛି । ସେହିଆରି ସରକାରୀ ମୋ ବାସ ସେବା ଛତ୍ର ଛାତ୍ରୀ ଙ୍କୁ ଆଣି କଲେଜ ସମ୍ମୁଖରେ ଚାଡ଼ି ଥାଏ । ଘର ନିର୍ମାଣ ସାମଗ୍ରୀ ନେଇ ଭାରୀଯାନ ମଧ୍ୟ ଯାତାୟାତ କରୁଛନ୍ତି । କେନାଲ୍ ତଳକୁ ୧୨ :ରୁ ୧୪ ଫୁଟ ଗଭୀର ରହିଥିବା ବେଳେ ସାମାନ୍ୟ ଭାରସାମ୍ୟ ହରାଇଲେ ବିପଦ ଦୁର୍ଘଟଣା କୁ ଏଡ଼ାଇ ଦିଆ ଯାଇନପାରି । ଛାତ୍ରୀ ଛାତ୍ରୀମାନେ ଯାତାୟାତ ନେଇ ନାହିଁ ନଥିବା ସମସ୍ୟା ସମ୍ମୁଖୀନ ହେଉଛନ୍ତି । କେନାଲ୍ ସଡ଼କ କୁ ମଧ୍ୟ ବାଇପାସ୍ ସଡ଼କ ମାନ୍ୟତା ଦେଇ ଦୈର୍ଘ୍ୟ ଓ ପ୍ରସ୍ଥ ସଡ଼କ ନିର୍ମାଣ କଲେ ଅନେକ ସମସ୍ୟା ଦୂରୀଭୂତ ହେବ । ଆଜି ଭାରି ଯାନ ମାନେ ମୁହାଁ ମୁହିଁ ହୋଇଥିବା ବେଳେ ଅପର ପକ୍ଷ ରେ ମୋ ବାସ ଗାଡ଼ି ମଧ୍ୟ ଯାଇଥିଲା । ଫଳରେ ଅନେକ ସମୟ ଜାମ ହେବା ସହ ଛତ୍ର ଛାତ୍ରୀ ମାନେ ନାହିଁ ନ ଥିବା ସମସ୍ୟା ସମ୍ମୁଖୀନ ।

# ବିଶ୍ୱ ପୁସ୍ତକ ଦିବସ ପାଳିତ

ବାରିପଦା (ନି.ପ୍ର.) ମୟୂରଭଞ୍ଜ ପୁସ୍ତକ ମେଳା ଆନୁକୂଲ୍ୟରେ ଜିଲ୍ଲାର ପୁସ୍ତକପ୍ରମୀ, ସାହିତ୍ୟ ଅନୁରାଗୀ ତଥା କବି ଓ ଲେଖକ ଲେଖିକାଙ୍କୁ ନେଇ ମୟୂରଭଞ୍ଜ ସାହିତ୍ୟ ପରିଷଦ ସଭାଗୃହରେ ପୁସ୍ତକ ମେଳାର ସଭାପତି ପଦ୍ମନାଭ ସାହୁଙ୍କ ପୌରୋହିତ୍ୟରେ ୨୩ ଏପ୍ରିଲ୍ ୨୦୨୬ ସନ୍ଧ୍ୟା ବିଶ୍ୱ ପୁସ୍ତକ ଦିବସ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟ ଦୂର ଶିକ୍ଷାକେନ୍ଦ୍ର ପ୍ରଭାରୀ, ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ଡଃ ବିନ୍ଧେଶ୍ୱରୀ କଲିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇ ଦୃଢମତ ରଖିଥିଲେ, ଛାତ୍ରଛାତ୍ରୀଙ୍କ ପ୍ରକୃତ ଜ୍ଞାନ ଆହରଣ ଲାଗି ସବୁଦିନ ଭଳି ଆଜିକା ଡିଜିଟାଲ ଯୁଗରେ ମଧ୍ୟ ପୁସ୍ତକ ପଠନ ଏକାନ୍ତ ଏବଂ ସର୍ବୋପରି ଅପରିହାର୍ଯ୍ୟ ଏଥିରେ ସନ୍ଦେହର ଅବକାଶ ନାହିଁ । ଅନୁଷ୍ଠାନର ସାଧାରଣ ସମ୍ପାଦକ ଇଂ ମନୋଜ କୁମାର ଦଳବେହେରା ମିଳିତ ଜାତିସଂଘ ୟୁନେସ୍କୋ ଅନୁମୋଦିତ ବିଶ୍ୱ ପୁସ୍ତକ ଦିବସ ପାଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ଦେବା ସହିତ ଏହି ମହାନ ଦିବସଟିର ପାରମ୍ପାରିକ ଓ ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ମଧ୍ୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।




ସାରସ୍ୱତ ସମାବେଶରେ ଜିଲ୍ଲାର ବିଶିଷ୍ଟ ଔପନ୍ୟାସିକ,କବି, ପ୍ରାବନ୍ଧିକ ଏବଂ ଗାଳ୍ପିକ/ଗାଳ୍ପିକା ସର୍ବଶ୍ରୀ ମିତାରାଣୀ ସାହୁ, ରାଜଲକ୍ଷ୍ମୀ ତ୍ରିପାଠୀ, ଅଜୟ କୁମାର ପାଳ, ସ୍ନେହଲତା ନାୟକ, ଡଃ ସଞ୍ଜୀବ କୁମାର ପାଣିଗ୍ରାହୀ, ଅଶୋକ କୁମାର ପଲେଇ, ଡଃ ପୁଷ୍ପା ପାତ୍ର, ଶଙ୍କର ଜେନା ଓ ଶିଉଲାଲ ମହାନ୍ତ ପ୍ରମୁଖ ନିଜ ରଚନା ପ୍ରସୂତ ପୁସ୍ତକ ଯଥାକ୍ରମେ 'ଦିବ୍ୟ ଜ୍ୟୋତି', 'ବାହୁଡ଼ା ବସନ୍ତରେ ତୁମେ', ' ମତି ଗତି ବିଭୂତି ', 'ଅନୁଚ୍ଚାରିତ ସ୍ୱପ୍ନ ', 'ପ୍ରବନ୍ଧେ ଓଡିଆ କଥା', 'ଶୂନ୍ୟରୁ ସୂତାଖିଅ', 'ଅପ୍ରକଟ', 'ମୁଠାଏ ମୁହୂର୍ତ୍ତ' ଓ 'ସୁଇସାଇଡ୍ ନୋଟ୍ ' ଆଦି ପୁସ୍ତକଗୁଡ଼ିକର ଅନ୍ତର୍ନିହିତ ଭାବ ଏବଂ ସାମାଜିକ ମୂଲ୍ୟବୋଧ ଆଦି ସମ୍ପର୍କରେ ଲେଖକୀୟ ବକ୍ତବ୍ୟମାନ ରଖିଥିଲେ । ଯୁବ ସାହିତ୍ୟିକ ଅଧ୍ୟାପକ ସମରେନ୍ଦ୍ର କୁମାର ବଶା ପୁସ୍ତକ ଦିବସକୁ ନେଇ ସଂକ୍ଷେପ ପାଠକୀୟ ମତାମତ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବରିଷ୍ଠ ସଦସ୍ୟ ଅଜିତ କୁମାର କବାଟ, ବର୍ଷୀୟାନ ସାହିତ୍ୟିକ ନରସିଂହ ବାରିକ, ସୁସାହିତ୍ୟିକା ରଶ୍ମିତା ପାତ୍ର , ଭାସ୍ୱତୀ ପଣ୍ଡା ଓ ଜୟରାମ ସିଂହ । ଧନ୍ୟବାଦ ଜ୍ଞାପନ କରିଥିଲେ କୋଷାଧ୍ୟକ୍ଷ କୈବଲ୍ୟ ପ୍ରସାଦ ମହାପାତ୍ର ।

## ଆଦିମ ପେଶା ନିର୍ବିରୋଧ: ଉପଭୋକ୍ତା ଶୋଷଣମୁକ୍ତ କି !

ବାରିପଦା: ବାରିପଦା ବଡ଼ ମସଜିଦ୍ ପଛପଟେ ବଡ଼ପୋଖରୀ ଆଡ଼ି ରାସ୍ତା କଡ଼ରେ ଥିବା ଅପସରା ଲଜ୍ ସହରର ବହୁ ପୁରୁଣା । ହେଲେ ଏଠାରେ ଚାଲିଥିବା ଦେହ ବ୍ୟବସାୟର ଗତିକୁ ନେଇ ମତାମତ ଆସିବା କିଛି ଅସ୍ୱାଭାବିକ ନୁହେଁ । ସହରରେ ନବାଗତ ଲୋକ ସଂଖ୍ୟା ବଢୁଥିଲା ବେଳେ ସେମାନେ ନିଜ ପରବାରକୁ ଘରେ ଛାଡ଼ି ଆସୁଛନ୍ତି । ଦେହଜୀବୀ ପାଖରେ ପହଂଚିବା ଆଉ ଲଜ୍ଜାବୋଧ ହେଉନାହିଁ । ଦୈହିକ ଆଶା ପୂରଣ ଉପଭୋକ୍ତାର ମୌଳିକ ଅଧିକାର । ଅପସରା ଲଜ୍‌ର ୩୦ ଫୁଟ୍ ଉଚ୍ଚ ସିଡ଼ିରେ ଉଠି ପ୍ରଥମ ମହଲାରେ ପହଂଚିଲା ପରେ ଲକ୍ଷ୍ୟ ସାଧନ । ଯୌନ ଆକାଂକ୍ଷା ଗ୍ରାହକ ପାଇଁ ମନ୍ଦ ବାଟ ଖୋଲି ଦିଏ । ଅପସରା ତା'ର ଲଜିଂ ଚାହିଦା ହରେଇ ବସିଛି । ସ୍ୱାଭାବିକତାରେ ପରିବର୍ତନ ହେଲେ ଅସ୍ୱାଭାବିକତା ଜନ୍ମ ନିଏ । ଅପସରା ଲଜ୍ ସହରର ଏକ ପ୍ରମୁଖ ସ୍ଥାନରେ ଥିଲେ ସୁଦ୍ଧା ଏହାର ନିଷ୍କ୍ରିୟତା ମାଲିକ ବବ୍‌ଲୁ ରାୟଙ୍କୁ ଚିନ୍ତାରେ ପକାଇଥିବ । ଅପସରାରେ ଦେହ ବ୍ୟବସାୟ ନୂଆ ନୁହେଁ ବୋଲି ସ୍ପଷ୍ଟ ହେଉଛି । ସ୍ୱର୍ଗତଃ ମଣ୍ଟୁ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଅପସରାର ମାଲିକାନାକୁ ନେଇ ଭ୍ରାତୃ ବିବାଦ ଲାଗି ରହିଛି । ବିବାଦର କାରଣ ବଡ଼ ଭାଇ ଜାଣିଛନ୍ତି । ବବ୍‌ଲୁବାବୁ ନିଜକୁ ଜଣେ ଧୂର୍ତ୍ତ ଯୁବକ ରୂପେ ଉପସ୍ଥାପନ କରନ୍ତି । ତାଙ୍କ ଯୌନ ବ୍ୟବସାୟର ମଙ୍ଗ ଧରିଛନ୍ତି ଜଣେ ବଙ୍ଗାଳୀ ଯୁବକ । ୭-୮ ଦିନର ଅନୁଧ୍ୟାନ ରୋଚକ ତଥ୍ୟ ପ୍ରଦାନ କରିଥିଲା । ଲଜିଂର ଅବସ୍ଥିତି ଏହାକୁ ରାସ୍ତାରେ ଯାତାୟତ କରୁଥିବା ସାଧାରଣ ଲୋକଙ୍କଠୁ ଦୂରରେ ରଖିଛି । ବାରିପଦା ଗୁଜୁରୀ ବଜାର ଅନ୍ତର୍ଗତ ଅପସରାକୁ ସମୟ ଅନ୍ତରରେ ଲୋକଙ୍କ ଉଠିବା ଓହ୍ଲେଇବା ଲାଗି ରହିଛି । ବାବ୍‌ଲୁ ରାୟଙ୍କ ବାସଭବନ ପୁରୁଣାହାଟସାହି ୱାର୍ଡ଼ ନଂ ୬ରେ । ତାଙ୍କ ପତ୍ନୀ ଶ୍ରୀମତୀ ପାୟଲ ରାୟ ବିଜେପି କର୍ମୀ । ୨୦୨୨ ପୌର ନିର୍ବାଚନରେ ସେ ବିଜେପି ପ୍ରାର୍ଥୀ ହୋଇ ୱାର୍ଡ଼ କାଉନସିଲର ପଦ ପାଇଁ ଲଢ଼େଇ କରିଥିଲେ । ତାଙ୍କ ପ୍ରଚାର ତରିକା ମନରୁ ଯାଇନାହିଁ । ଶ୍ରୀମତୀ ରାୟ ଏତେ ଟଙ୍କା କଉଠୁ ପାଇଲେ ସେତେ ବେଳେ ଅବଶ୍ୟ ପ୍ରସଂଗ ନଥିଲା । ସାମାଜିକ ପରିସ୍ଥିତି ଦୃଷ୍ଟିରୁ ଦେହ ବ୍ୟବସାୟ ଅପରାଧ ବିବେଚିତ ନୁହେଁ । ଯେଉଁଠି ମୁକୁଳା ସେଠାରେ ଶୋଷଣ ବି ତାଳ ଦେଇ ଚାଲିଥାଏ । ବାବ୍‌ଲୁବାବୁଙ୍କ ଉପସ୍ଥିତିରେ ବଙ୍ଗାଳୀ ଟୋକା ଡିଜିଟାଲ ପେମେଣ୍ଟ ନେଇ ମହିଳାଙ୍କ ପାଖକୁ ପଠାଉଛି । ଅନ୍ଧାର ଗଳିରେ କେଇ ପାଦ ଯାଇ ଯୁବକ କ୍ଷୁଦ୍ର କଠୋରୀରେ ପଶି ଯାଉଛି ।

# ବଳାଙ୍ଗୀ ମହୋତ୍ସବ ଉଦ୍‌ଯାପିତ




ବାରିପଦା (ନି.ପ୍ର.)ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ବାରିପଦା ଠାରେ ଏପ୍ରିଲ ୧୬ ତାରିଖରୁ ଆରମ୍ଭ ହୋଇଥିବା ମୟୁରଭଞ୍ଜର ମହାନ ଗଣପର୍ବ ମୟୁରଭଞ୍ଜ ବାଲିମେଳା ବଳାଙ୍ଗୀ ମହୋତ୍ସବ ୨୨ ତାରିଖ ରାତିରେ ଉଦଯାପିତ ହୋଇ ଯାଇଛି. ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧକ୍ଷ୍ୟା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ବରିଷ୍ଠ ବିଜେପି ନେତା ତଥା ସୁପ୍ରିମକୋର୍ଟର ଆଇନଜୀବୀ ଜୀବନ କୁମାର ସାହୁ, ପୂର୍ବତନ କୃଷି ଶିଳ୍ପ ନିଗମର ଅଧକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଭଞ୍ଜ ସେନାର ସଭାପତି ପିଂଟୁ ମାଇତି, ମହୋତ୍ସବ କମିଟିର ଅଧକ୍ଷ ଆଇନଜୀବୀ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି କହିବା ସହିତ ବାରିପଦା ଠାରେ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳୀରେ ଦୀର୍ଘ ୨୪ ବର୍ଷ ଧରି ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ମୟୁରଭଞ୍ଜ ଜିଲ୍ଲାରେ କଳା ସଂସ୍କୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଏକ ସାଂସ୍କୃତିକ ଆନ୍ଦୋଳନ ପ୍ରତିଷ୍ଠା କରିପାରିଛି ବୋଲି କହିଥିଲେ. ସହ ସମ୍ପାଦକ ଡ଼. ଶଶୀଧର ବିଶ୍ୱାଳ ମଂଚ ପରିଚାଳନା କରିଥିବା ବେଳେ, ଏହି ଅବସରରେ ରକ୍ତଦାତା ଭାବରେ ରାଇରଙ୍ଗପୁର ଅଂଚଳର ଗତିକୃଷ୍ଣ ମହାନ୍ତ, ମିଡ଼ିଆ କ୍ରିଏସନର ବଳରାମ ବେହେରା, ପୂଜାକର୍ତା ଭାବରେ ରାଜୀବ ରଞ୍ଜନ ସେନାପତି ଏବଂ ସାଗରୀକା ସେନାପତି, ପୂଜକ ଭାବରେ ପଣ୍ଡିତ ସୁଦର୍ଶନ ଦିୱେଦି, ମୂର୍ତୀ କାରିଗର ଭାବରେ ଶୋଭାକର ବେହେରା, ଟେଂଟ ଲାଇଟ ସାଉଣ୍ଡ ରେ ସହଯୋଗ କରିଥିବା ସିଂହ ଟେଂଟ ହାଉସର ପ୍ରପାଇଟର ସୁମନ୍ତ ସିଂହ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା. ମହୋତ୍ସବ କମିଟିର ସମ୍ପାଦକ ଦୀପକ କୁମାର ନାୟକ ସମ୍ବର୍ଦ୍ଧନା ପର୍ବ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ. ଏହି ଅବସରରେ ଓଡିଶୀ, ସମ୍ବଲପୁରୀ, ଝୁମର ନୃତ୍ୟ ସହ ଗଞ୍ଜାମ ର ପ୍ରସିଦ୍ଧ କଣ୍ଢେଇ ନାଚ ପ୍ରଦର୍ଶିତ ହୋଇଥିଲା. କାର୍ଯ୍ୟକ୍ରମରେ କମିଟିର ବରିଷ୍ଠ ସଦସ୍ୟ ନରେନ୍ଦ୍ର ମୋହନ ସେନାପତି, ଅଶୋକ ପଲେଇ, ଇଂ ମନୋଜ କୁମାର କୁଅଁର, ଦୋଳ ଗୋବିନ୍ଦ ମହାନ୍ତ, ପଣ୍ଡିତ ଭାଗବତ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବଳାଙ୍ଗୀ ସେନାର କୁମାରେଶ ନାୟକ, ମିଥୁନ ବାରିକ, ସନତ ବାରିକ, ଦିଲ୍ଲୀପ ପାତ୍ର, ପ୍ରକାଶ କାଣ୍ଡି, ରୋହିତ ବେହେରା, ମନୋରଞ୍ଜନ ବାରିକ, ରାଜକିଶୋର ମହାନ୍ତ, ପ୍ରମୁଖଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ତଥା ମେଳା ପରିଚାଳନାରେ ସହଯୋଗ କରିଥିଲେ ।

# ଆଜି ଜୟପୁର ଗସ୍ତରେ ଯିବେ ଉପ ରାଷ୍ଟ୍ରପତି



ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ ରାଜସ୍ଥାନ ବିଶ୍ୱବିଦ୍ୟାଳୟର ୩୫ତମ ଦୀକ୍ଷାନ୍ତ ସମାରୋହରେ ଯୋଗଦେବା ପାଇଁ ଶନିବାର ଜୟପୁର ଗସ୍ତ କରିବେ । ଉପରାଷ୍ଟ୍ରପତି ସଚିବାଳୟର ଅନୁସାରେ, ଏହି ସମୟରେ ଉପରାଷ୍ଟ୍ରପତି ଦୀକ୍ଷାନ୍ତ ସମାରୋହରେ ଯୋଗଦେବା ପରେ ଜୟପୁରସ୍ଥିତ ଭଗବାନ ମହାବୀର କ୍ୟାନ୍ସର ହସ୍ପିଟାଲ ଏବଂ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ୨୩ତମ "କ୍ୟାନ୍ସର ସର୍ଭାଇଭର୍ସ ଡେ" କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବେ ।

# ଏପ୍ରିଲ ୨୭ରୁ ସମସ୍ତ ସ୍କୁଲ ବନ୍ଦ ରହିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଚାଲିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଗୁଆ ଖରାଛୁଟି ଘୋଷଣା କରିଛନ୍ତି । ପିଲାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତି ନେଇଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି । ଏହି ନିଷ୍ପତି ଅନୁଯାୟୀ ଏପ୍ରିଲ ୨୭ ତାରିଖରୁ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ । ତେବେ, ପୂର୍ବ ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା କାର୍ଯ୍ୟ ଓ ଅନ୍ୟାନ୍ୟ ଅଫିସ କାମ ପୂର୍ବପରି ଜାରି ରହିବ ।










# ପଂଚାୟତିରାଜ ଦିବସରେ ଜନପ୍ରତିନିଧିଙ୍କୁ ଶୁଭକାମନା ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପଂଚାୟତିରାଜ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମଗ୍ର ଦେଶର ଜନପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଜଣାଇ ଏକ ସଂସ୍କୃତ ସୁଭାଷିତ ମାଧ୍ୟମରେ ଜନପ୍ରତିନିଧିଙ୍କ ଭୂମିକା ଏବଂ ଦାୟିତ୍ୱକୁ ଉଲ୍ଲେଖ କରିଛନ୍ତି । ପ୍ରଧାନମନ୍ତ୍ରୀ ଶୁକ୍ରବାର 'ଏକ୍ସ'ରେ ସଂସ୍କୃତ ସୁଭାଷିତ ସେୟାର କରି ଲେଖିଥିଲେ— "ପ୍ରଜାସୁଖେ ସୁଖଂ ରାଜ୍ଞଃ ପ୍ରଜାନାଂ ଚ ହିତେ ହିତମ୍ । ନାତ୍ମପ୍ରିୟଂ ପ୍ରିୟଂ ରାଜ୍ଞଃ ପ୍ରଜାନାଂ ତୁ ପ୍ରିୟଂ ପ୍ରିୟମ୍" ପ୍ରଧାନମନ୍ତ୍ରୀ ଏହି ସୁଭାଷିତର ଅର୍ଥ ବ୍ୟାଖ୍ୟା କରି କହିଛନ୍ତି ଯେ, ଜନପ୍ରତିନିଧିଙ୍କ ସୁଖ ଏବଂ କଲ୍ୟାଣ ଜନତାଙ୍କ ସୁଖ ଓ ହିତରେ ନିହିତ ରହେ । ଏକ ସତ୍ୟ ଜନପ୍ରତିନିଧି ବ୍ୟକ୍ତିଗତ ସ୍ୱାର୍ଥରୁ ଉପରେ ଉଠି ଜନତାଙ୍କ ପ୍ରାଥମିକତାକୁ ନିଜର ପ୍ରାଥମିକତା ଭାବେ ଗ୍ରହଣ କରେ । ସେ ଆହୁରି କହିଛନ୍ତି ଯେ, ଜନସେବା ଓ ରାଷ୍ଟ୍ରସେବା ପ୍ରତି ଜନପ୍ରତିନିଧିମାନଙ୍କର ନିଷ୍ଠା ପ୍ରଶଂସନୀୟ ଏବଂ ପ୍ରେରଣାଦାୟକ । ପ୍ରଧାନମନ୍ତ୍ରୀ ସମସ୍ତ ଜନପ୍ରତିନିଧିଙ୍କୁ ଅଭିନନ୍ଦନ ଜଣାଇ ଦେଶର ବିକାଶରେ ସେମାନଙ୍କ ଅବଦାନକୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ।

# ବଲାଙ୍ଗିର ରାଜ୍ୟସ୍ତରୀୟ ପଂଚାୟତିରାଜ ଦିବସରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ



ବଲାଙ୍ଗୀର(ନି.ପ୍ର) : ବଲାଙ୍ଗୀର ଜିଲ୍ଲା ଗାନ୍ଧୀ ଷ୍ଟାଡ଼ିୟମ ଠାରେ ରାଜ୍ୟ ସ୍ତରୀୟ ପଂଚାୟତିରାଜ ଦିବସ ପାଳିତ । ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଂଚାୟତିରାଜ ଦିବସ ରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଗଣତନ୍ତ୍ରରେ ଗାଁ ହେଉଅଛି ଆତ୍ମା ବୋଲି ଉଦବୋଧନ ଦେଇ ଗାଁ ବିକଶିତ ହେଲେ ଓଡ଼ିଶା ବିକଶିତ ହେବ ବୋଲି ମତବ୍ୟକ୍ତ କରିଥିଲେ । ଆଜି ବିଭିନ୍ନ ଯୋଜନା ରେ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି । କୃଷକମାନଙ୍କୁ ପ୍ରଧାନମନ୍ତ୍ରୀ କିଷାନ୍ ନିଧି ଯୋଜନା ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି । ସେହିପରି ଅନେକ ଯୋଜନା ର ଲୋକାର୍ପଣ ଏବଂ ଶିଳାନ୍ୟାସ କରିଥିବା ବେଳେ ଜିଲ୍ଲା ରେ ହେବ ଶିଳ୍ପ କେନ୍ଦ୍ର, କୃଷି ବିଶ୍ୱ ବିଦ୍ୟାଳୟ ଏବଂ ଟ୍ୟାକ୍ସଟାଇଲ ଶିଳ୍ପ ହେବ ବୋଲି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜ ବକ୍ତବ୍ୟରେ ଜନତା ଙ୍କୁ ଉଦବୋଧନ ଦେଇଥିଲେ । ସେହିପରି ସଭାରେ ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଧାୟକ ଲକ୍ଷ୍ମଣ ବାଗ, ନବୀନ ଜୈନ, ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ ଜିଲ୍ଲାପାଳ ଯୋଗ ଦେଇଥିଲେ । ୩୦ ଗୋଟି ଜିଲ୍ଲା ରେ ଆବସି ମାଧ୍ୟମ ରେ ପଂଚାୟତିରାଜ ଦିବସ ପାଳନ ହେଉଥିବା ବେଳେ ସମସ୍ତ ବିଧାୟକ ଏବଂ ମନ୍ତ୍ରୀମାନେ ଯୋଗ ଦେଇଥିଲେ ।

# ଗଞ୍ଜାମ ଜିଲ୍ଲା ରଷିକୁଲ୍ୟା ସମ୍ମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଉପ ମୁଖ୍ୟମନ୍ତ୍ରୀ



ଛତ୍ରପୁର: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଗଞ୍ଜାମ ଜିଲ୍ଲାଗସ୍ତରେ ଆସି ସ୍ଥାନୀୟ ରଷିକୁଲ୍ୟା ସମ୍ମିଳନୀ କକ୍ଷ ଠାରେ ମହିଳା ଓ ଶିଶୁ ବିକାଶ, ମିସନ ଶକ୍ତି ଓ ପର୍ଯ୍ୟଟନ ବିଭାଗ ଅନ୍ତର୍ଗତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ମହିଳା ଓ କିଶୋରୀମାନଙ୍କ ସଶକ୍ତୀକରଣ ବିନା ସମାଜର ପ୍ରକୃତ ବିକାଶ ସମ୍ଭବ ନୁହେଁ । ସମ୍ପୂର୍ଣ୍ଣା ଶ୍ରୀ ମିସନ ଓ ନିର୍ଭୟା କଢ଼ି ଭଳି ପଦକ୍ଷେପ ଗଞ୍ଜାମକୁ ଏକ ସ୍ୱତନ୍ତ୍ର ପରିଚୟ ଦେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଉଲ୍ଲେଖ କରିଛନ୍ତି । ଚଳିତ ବର୍ଷ ଜୁଲାଇ ମାସ ଶେଷ ସୁଦ୍ଧା ଅଙ୍ଗନୱାଡ଼ି କେନ୍ଦ୍ରରେ ଖାଲିଥିବା ପଦବୀଗୁଡ଼ିକ ପୂରଣ କରିବାକୁ ପରାମର୍ଶ ଦେବା ସହ ଜିଲ୍ଲାର ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ, ବିଦ୍ୟୁତ ସଂଯୋଗ, ଶୌଚାଳୟ ନିର୍ମାଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଯେଉଁଠାରେ ଆଶା ଅନୁରୂପ ବିଦ୍ୟୁତ ସଂଯୋଗ ନାହିଁ ସେଠାରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ବିଦ୍ୟୁତ ସଂଯୋଗ କରିବାପାଇଁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଗଞ୍ଜାମ ଜିଲ୍ଲାକୁ ସମ୍ପୂର୍ଣ୍ଣ କୁପୋଷଣ ମୁକ୍ତ କରିବା ପାଇଁ ସରକାର ସଂକଳ୍ପବଦ୍ଧ ତା ସହ ଜଗନ୍ନାଥ ସର୍କିଟ, ବିଚ ସର୍କିଟ ଓ ଶକ୍ତି ସର୍କିଟର ବ୍ୟାପକ ଉନ୍ନତିକରଣ କରାଯିବ ବୋଲି ସେ କହିଛନ୍ତି । ସୁଭଦ୍ରା ଯୋଜନା, ବେଟି ବଚାଓ ବେଟି ପଢ଼ାଓ, ପୋଷଣ କାର୍ଯ୍ୟକ୍ରମ, ନିର୍ଭୟା କଢ଼ି, ସ୍ୱୟଂ ସହାୟିକା ଗୋଷ୍ଠୀ ଉପରେ ମଧ୍ୟ ସେ ସମୀକ୍ଷା କରିଥିଲେ । ଆସ୍କା ସାଂସଦ ଅନିତା ଶୁଭଦର୍ଶନୀ ଆସ୍କା ସଂସଦୀୟ କ୍ଷେତ୍ରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ଏବଂ ଗଞ୍ଜାମର ପଂଚଲିଙ୍ଗେଶ୍ୱର ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ତାମ୍ପରା ହ୍ରଦର ପୁନଃରୁଦ୍ଧାର କରିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବରିଷ୍ଠ ତୀର୍ଥ ଯାତ୍ରା ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୭୭୫ ଜଣ ହିତାଧିକାରୀ ଅଯୋଧ୍ୟା, ବାରଣାସୀ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୭୭୫ ଜଣ ହିତାଧିକାରୀ ଉଜ୍ଜୟିନୀ, ଓଁକାରେଶ୍ୱର ଭ୍ରମଣ କରିଥିଲେ ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ବୈଠକକୁ ଅବଗତ କରିଥିଲେ । ଏହି ଅବସରରେ ସେ ଜିଲ୍ଲାର ସୁଭଦ୍ରା ଶକ୍ତି ଓ ଲକ୍ଷପତି ଦିଦିଙ୍କ ସହ ଉପମୁଖ୍ୟମନ୍ତ୍ରୀ ସିଧାସଳଖ ଆଲୋଚନା କରି ସେମାନଙ୍କ ଅନୁଭୂତି ଓ ସଫଳତାର କାହାଣୀ ଶୁଣିବା ସହ ଅନ୍ୟମାନଙ୍କୁ ଅନୁପ୍ରେରିତ କରିଥିଲେ । ଏହା ସହ 'ସମ୍ପୂର୍ଣ୍ଣା ଶ୍ରୀ ମିସନ' ର ଲୋଗୋ ଓ ଏସଓପିକୁ ଉପମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ । ଗଞ୍ଜାମ ବ୍ଲକର କିଶୋରୀମାନଙ୍କ ଦ୍ୱାରା 'ନିର୍ଭୟା କଢ଼ି' ଅଭିଯାନ ଗୀତ ପରିବେଷଣ କରାଯାଇଥିଲା ।

# ଆଇ.ଆର.ସି.ଟି.ସି ର ବୌଦ୍ଧ ସର୍କିଟ ପର୍ଯ୍ୟଟକ ପ୍ୟାକେଜ୍ ଉପରେ ସ୍ୱତନ୍ତ୍ର ୨୦% ରିହାତି

ନୂଆଦିଲ୍ଲୀ : ପ୍ରଥମଶ୍ରେଣୀ ଏସି ଏବଂ ୨ୟ ଶ୍ରେଣୀ ଏସି କୋଚରେ ପ୍ରଶସ୍ତ କେବିନ୍ ଏବଂ କୁପ ସହିତ ଆରାମଦାୟକ ସେବା ବ୍ୟତୀତ, ପର୍ଯ୍ୟଟକମାନଙ୍କ ପାଇଁ ବ୍ୟକ୍ତିଗତ ଲକର ପରି ଇନ-ରୁମ୍ ସୁବିଧାରେ ସଜ୍ଜିତ କରାଯାଇଛି; ଏପରିକି ଗାଧୋଇବା ଏବଂ ପୋଷାକ ବଦଳାଇବା ପାଇଁ ସର୍କିଟ୍ ରେ ଉପଲବ୍ଧ ସର୍ବୋତମ ହୋଟେଲରେ ବ୍ୟବସ୍ଥା କରାଯାଇଛି । ଆଇ. ଆର. ସି. ଟି. ସି. ଏହାର ଅତି ସୁନ୍ଦର ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଡିଲକ୍ସ ପର୍ଯ୍ୟଟକ ଟ୍ରେନରେ ଏହି ସ୍ୱତନ୍ତ୍ର ଯାତ୍ରା ପ୍ରଦାନ କରୁଛି ଯେଉଁଥିରେ ଆଧୁନିକ ସୁବିଧାଗୁଡ଼ିକ ସହିତ ସଜ୍ଜିତ ୧୨ ଟି ଅତ୍ୟାଧୁନିକ ଏରଗୋନୋମିକ ଭାବରେ ଡିଜାଇନ୍ ହୋଇଥିବା ବ୍ରାଣ୍ଡ୍ ନୂଆ ଏଲ୍. ଏଚ୍. ବି. କୋଚ୍ ରହିଛି, ଯେଉଁଥିରେ ସ୍ୱଚ୍ଛ ରୋଷେଇ ଘର, ସୁନ୍ଦର ଡାଇନିଂ କାର୍ ସୁବିଧା ସହିତ ସ୍ୱଚ୍ଛ ଏବଂ ପରିଚ୍ଛନ୍ନ ଶୌଚାଳୟ ଅନ୍ତର୍ଭୁକ୍ତ ଦେଶର ଅଗ୍ରଣୀ ଟ୍ରାଭେଲ ଆଣ୍ଡ ଟୁରିଜିମ୍ ପବ୍ଲିକ୍ ସେକ୍ଟର ଏଂଟରପ୍ରାଇଜ୍ ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ୍ (ଆଇ. ଆର୍. ସି. ଟି. ସି.) ଏହାର ପ୍ରଶଂସିତ ଫ୍ଲାଗସିପ୍ ଯୋଜନା-ବୌଦ୍ଧ ସର୍କିଟ ସ୍ପେଶାଲ୍ ଟୁରିଷ୍ଟ ଟ୍ରେନ୍ ସହିତ ପରୀକ୍ଷାମୂଳକ ପର୍ଯ୍ୟଟନରେ ନିଜର ସ୍ଥିତିକୁ ମଜବୁତ କରିବା ଜାରି ରଖିଛି । ଆଧ୍ୟାତ୍ମିକତା, ଐତିହ୍ୟ ଏବଂ ବିଳାସପୂର୍ଣ୍ଣ ଭ୍ରମଣର ନିରବଚ୍ଛିନ୍ନ ଏକୀକରଣ ପାଇଁ ଏହି ଅନନ୍ୟ ପ୍ରସ୍ତାବ ବିଶ୍ୱ ଭ୍ରମଣ ଏବଂ ପର୍ଯ୍ୟଟନ ପରିଦୃଶ୍ୟରେ ବ୍ୟାପକ ସ୍ୱୀକୃତି ଅର୍ଜନ କରିଛି । ନୂଆଦିଲ୍ଲୀର ସଫଦରଜଙ୍ଗ ରେଳ ଷ୍ଟେସନରୁ ୭ ରାତି/୮ ଦିନ ବୌଦ୍ଧ ସର୍କିଟ ଯାତ୍ରା ଆରମ୍ଭ କରି ଏବଂ ଗୌତମ ବୁଦ୍ଧଙ୍କ ଜୀବନ ଏବଂ ଶିକ୍ଷା ସହିତ ଜଡିତ କେତେକ ସବୁଠାରୁ ସମ୍ମାନିତ ଗନ୍ତବ୍ୟସ୍ଥଳ ଦେଇ ଯାତ୍ରୀମାନଙ୍କୁ ଆଧ୍ୟାତ୍ମିକ ଭାବରେ ସମୃଦ୍ଧ ଯାତ୍ରାରେ ନେଇଥାଏ । ଏହି ଯାତ୍ରା ସୂଚୀ ମଧ୍ୟରେ ରହିଛି ବୋଧଗୟା, ନାଳନ୍ଦା (ଭାୟା ରାଜଗୀର), ବାରାଣସୀ (ସାରନାଥ ସମେତ), ଲୁମ୍ବିନୀ, କୁଶୀନଗର ଏବଂ ଶ୍ରାବସ୍ତୀ । ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟର ମିଶ୍ରଣ ପ୍ରଦାନ କରୁଥିବା ବିଶ୍ୱର ସାତଟି ଆଶ୍ଚର୍ଯ୍ୟ ମଧ୍ୟରୁ ଅନ୍ୟତମ ଆଇକନିକ ତାଜମହଲ ପରିଦର୍ଶନ ସହିତ ଏହି ଯାତ୍ରା ସମାପ୍ତ ହୁଏ । ଏହି ଯାତ୍ରା ଏକ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଡିଲକ୍ସ ଟୁରିଷ୍ଟ ଟ୍ରେନରେ ପରିଚାଳିତ ହୋଇଛି ଯେଉଁଥିରେ ୧୨ ଟି ଅତ୍ୟାଧୁନିକ, ଏରଗୋନୋମିକ ଭାବରେ ଡିଜାଇନ୍ ହୋଇଥିବା ଏଲଏଚବି କୋଚ୍ ଅଛି । ଏକ ଆରାମଦାୟକ ଏବଂ ସ୍ମରଣୀୟ ଯାତ୍ରା ଅନୁଭୂତି ସୁନିଶ୍ଚିତ କରିବା ପାଇଁ ଏହି ଆଧୁନିକ କୋଚଗୁଡିକ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ ଏବଂ ଯାତ୍ରୀ ଅନୁକୂଳ ସୁବିଧା ସହିତ ସଜ୍ଜିତ । ଯାତ୍ରୀମାନେ ଏସି ପ୍ରଥମ ଶ୍ରେଣୀ (ଏସି-୧) ଏବଂ ଏସି ଦ୍ୱିତୀୟ ଶ୍ରେଣୀ (ଏସି-୨) ମଧ୍ୟରେ ଚୟନ କରିପାରିବେ । ଏସି-୧ କୋଚଗୁଡ଼ିକ ଗୋପନୀୟତା ଏବଂ ସୁବିଧାକୁ ସୁନିଶ୍ଚିତ କରିବା ପାଇଁ ବ୍ୟକ୍ତିଗତ ଲକର ଭଳି ସ୍ୱତନ୍ତ୍ର ଇନ-ରୁମ୍ ସୁବିଧା ସହିତ ପ୍ରଶସ୍ତ କେବିନ୍ ଏବଂ କୁପ ପ୍ରଦାନ କରିଥାଏ । ଏସି-୨ କୋଚ ଗୁଡ଼ିକୁ ସ୍ୱତନ୍ତ୍ର ଭାବେ ପୁନଃ ପରିକଳ୍ପନା କରାଯାଇଛି, ଯାହାଦ୍ୱାରା ଯାତ୍ରୀମାନଙ୍କ ପାଇଁ ଆରାମଦାୟକ ରହିବା ପାଇଁ ଅଲଗା ବସିବା ସ୍ଥାନ ସହିତ ପ୍ରଶସ୍ତ କ୍ୟାବିନ ଯୋଗାଇ ଦିଆଯିବ । ପ୍ରିମିୟମ୍ ଅଭିଜ୍ଞତାକୁ ଯୋଡିବା ସହିତ, ଟ୍ରେନରେ ଦୁଇଟି ସୁନ୍ଦର ଭାବରେ ଡିଜାଇନ୍ ହୋଇଥିବା ଡାଇନିଂ କାର୍ ଅଛି, ପ୍ରତ୍ୟେକରେ ୬୪ ଜଣ ଯାତ୍ରୀ ବସିପାରିବେ, ଯାହା ଅତିଥିମାନଙ୍କୁ ଏକ ମାର୍ଜିତ ପରିବେଶରେ ଏକାଠି ଖାଇବା ପାଇଁ ସୁବିଧା ଯୋଗାଇ ଦେଇଥାଏ ।

# ଦକ୍ଷିଣ ଆଫ୍ରିକାର ସ୍ୱାଧୀନତା ଦିବସ ପାଳନ ଅବସରରେ ଅସିମା ମେହରୋତ୍ରାଙ୍କ କଳାକୃତି ଉନ୍ମୋଚିତ

ନୂଆଦିଲ୍ଲୀ : ଦକ୍ଷିଣ ଆଫ୍ରିକା ଗଣରାଜ୍ୟର ଉଚ୍ଚାୟୁକ୍ତ ମହାମହିମ ପ୍ରଫେସର ଅନିଲ ସୁକଲାଲ, ଡକ୍ଟର ନେଲିଷ୍ଟ୍ରା ସୁକଲାଲ ସିଂହ ମିଳିତ ଭାବେ ୨୩ ଏପ୍ରିଲ ୨୦୨୬ରେ ଦକ୍ଷିଣ ଆଫ୍ରିକାର ସ୍ୱାଧୀନତା ଦିବସର ୩୦ତମ ବାର୍ଷିକୀ ପାଳନ ଉଦ୍ଦେଶ୍ୟରେ ତାଜ ମାନସିଂହ ହୋଟେଲରେ ଏକ ସ୍ମାରକୀ ସନ୍ଧ୍ୟାର ଆୟୋଜନ କରିଥିଲେ । ଏହି ଅବସରରେ ଦକ୍ଷିଣ ଆଫ୍ରିକାର ସ୍ଥାୟୀତ୍ୱ, ବୁଝାମଣା ଏବଂ ଗଣତାନ୍ତ୍ରିକ ରୂପାନ୍ତରଣର ଯାତ୍ରା ଉପରେ ଆଲୋକପାତ କରାଯାଇଥିଲା, ଯାହା ସମାନତା, ନ୍ୟାୟ ଏବଂ ମାନବିକ ମର୍ଯ୍ୟାଦାର ସମାନ ମୂଲ୍ୟବୋଧକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା । ଏହି କାର୍ଯ୍ୟକ୍ରମରେ ଶକ୍ତି ଏବଂ ନବୀକରଣୀୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶ୍ରୀପଦ ୟେସୋ ନାୟକ ଯୋଗ ଦେଇଥିଲେ । ଦକ୍ଷିଣ ଆଫ୍ରିକାର ପ୍ରସିଦ୍ଧ କ୍ରିକେଟର ଜଂଟି ରୋଡ୍ସ, ବଲିଉଡ୍ ଅଭିନେତା ଅନିଲ ଜର୍ଜ, ରାଷ୍ଟ୍ରଦୂତ ଏବଂ ବିଭିନ୍ନ ଦେଶର ପ୍ରତିନିଧିତ୍ୱ କରୁଥିବା କୂଟନୈତିକ ଦଳର ସଦସ୍ୟଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ଅବସରରେ, ଶିଳ୍ପୀ ଅସିମା ମେହରୋତ୍ରାଙ୍କ ଦ୍ୱାରା ନିର୍ମିତ 'ବି ଦ ଚେଞ୍ଜ୍ ୟୁ ୱାଂଟ ଟୁ ସି - ମହାତ୍ମା ଗାନ୍ଧୀ' କଳାକୃତିକୁ ଆବାହକ ମାନ୍ୟବର ମନ୍ତ୍ରୀ ଆନୁଷ୍ଠାନିକ ଭାବରେ ଉନ୍ମୋଚିତ କରିଥିଲେ । ମହାତ୍ମା ଗାନ୍ଧୀ, ନେଲସନ ମାଣ୍ଡେଲା ଏବଂ ମାର୍ଟିନ୍ ଲୁଥର କିଙ୍ଗ ଜୁନିଅରଙ୍କୁ ଚିତ୍ରିତ କରିଥିବା ଏହି କଳାକୃତି, ସାମୂହିକ ଭାଗ୍ୟ ଗଠନରେ ବ୍ୟକ୍ତିଗତ ଦୃଢ଼ ବିଶ୍ୱାସର ସ୍ଥାୟୀ ଶକ୍ତିକୁ ପ୍ରତିଫଳିତ କରେ । ଗାନ୍ଧୀଙ୍କ ଅହିଂସା ଏବଂ ସତ୍ୟର ଦର୍ଶନ, ମଣ୍ଡେଲାଙ୍କ ଦୃଢ଼ତା ଏବଂ ବୁଝାମଣାର ଐତିହ୍ୟ, ଏବଂ କିଙ୍ଗ୍ ଙ୍କ ସମାନତା ଏବଂ ନ୍ୟାୟର ଦୃଷ୍ଟିକୋଣ ମିଳିତ ଭାବରେ ସ୍ୱାଧୀନତା ଏବଂ ମାନବ ମର୍ଯ୍ୟାଦାର ଏକ ମିଳିତ ବିଶ୍ୱ ପ୍ରୟାସର ପ୍ରତୀକ । ଏହାର ସ୍ତରୀଭୂତ ଏବଂ ଗଠନମୂଳକ ପ୍ରସ୍ତୁତି ସମାଜର ଜଟିଳତାକୁ ଆହୁରି ସ୍ପଷ୍ଟତା ସହିତ ଚିତ୍ରଣ କରେ ।




# କାକାବନ୍ଧ ଆଶ୍ରମ ସ୍କୁଲ ହଷ୍ଟେଲରେ ବାସି ଖାଦ୍ୟ ଖାଇ ଛାତ୍ରଙ୍କ ମୃତ୍ୟୁ ଘଟଣାରେ ମାମଲା ରୁଜୁ କଲେ ଜାତୀୟ ମାନବାଧିକାର ଆୟୋଗ

ଭୁବନେଶ୍ୱର /ନୂଆଦିଲ୍ଲୀ : ୧୪ ଏପ୍ରିଲ୍ ୨୦୨୬ରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର କାକାବନ୍ଧ ଆଶ୍ରମ ସ୍କୁଲର ହଷ୍ଟେଲରେ ବାସି ଖାଦ୍ୟ ଖାଇ ଜଣେ ୧୨ ବର୍ଷୀୟ ଛାତ୍ରଙ୍କ ମୃତ୍ୟୁ ଏବଂ ଶତାଧିକ ପିଲା ଅସୁସ୍ଥ ହେବା ସଂପର୍କିତ ଗଣମାଧ୍ୟମ ଖବର ଉପରେ ନିଜଆଡ଼ୁ ମାମଲା ରୁଜୁ କରିଛନ୍ତି ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) । ରିପୋର୍ଟ ଅନୁଯାୟୀ, ପୀଡ଼ିତ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଏହି ସ୍କୁଲର ୫ମ ଶ୍ରେଣୀର ଛାତ୍ର ଥିଲେ । ଆୟୋଗ ଉଲ୍ଲେଖ କରିଛନ୍ତି ଯେ ଯଦି ଖବରଟି ସତ୍ୟ ହୋଇଥାଏ, ତେବେ ଏହା ପୀଡିତଙ୍କ ମାନବାଧିକାର ଉଲ୍ଲଂଘନ ନେଇ ଗମ୍ଭୀର ପ୍ରସଙ୍ଗ ଉଠାଇଥାଏ । ଫଳସ୍ୱରୂପ, ଆୟୋଗ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ଏବଂ ମୟୂରଭଞ୍ଜର ପୋଲିସ ଅଧିକ୍ଷକଙ୍କୁ ନୋଟିସ୍ ଜାରି କରି ଦୁଇ ସପ୍ତାହ ମଧ୍ୟରେ ଏହି ବିଷୟରେ ଏକ ବିସ୍ତୃତ ରିପୋର୍ଟ ମାଗିଛନ୍ତି । ଏହି ରିପୋର୍ଟରେ ତଦନ୍ତର ବର୍ତ୍ତମାନର ସ୍ଥିତି ଏବଂ ପ୍ରଭାବିତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କିତ ସୂଚନା ଅନ୍ତର୍ଭୁକ୍ତ କରିବାକୁ କୁହାଯାଇଛି । ୧୫ ଏପ୍ରିଲ୍ ୨୦୨୬ରେ ପ୍ରକାଶିତ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ପ୍ରାୟ ୬୭ ଜଣ ଛାତ୍ରଛାତ୍ରୀଙ୍କ ଅବସ୍ଥା ଗୁରୁତର ହେବା ପରେ ସେମାନଙ୍କୁ ବାରିପଦା ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଆଉ ୪୧ ଜଣ ପିଲାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

# ଆଇପିଏଲ-୨୦୨୬ : ବେଙ୍ଗାଲୁରୁ ଆଗରେ ୨୦୬ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ଗୁଜରାଟ



ବେଙ୍ଗାଲୁରୁ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୪ତମ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜରାଟ ଟାଇଟନ୍ସ ମୁହାଁମୁହିଁ ହୋଇଛନ୍ତି । ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆୟୋଜକ ବେଙ୍ଗାଲୁରୁ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୩ଟି ୱିକେଟ୍ ହରାଇ ୨୦୫ ରନ୍ କରିଛି । ଫଳରେ ବେଙ୍ଗାଲୁରୁକୁ ୨୦୬ ରନ୍‌ର ବିଜୟ ଲକ୍ଷ୍ୟ ମିଳିଛି । ଗୁଜରାଟର ପ୍ରାରମ୍ଭିକ ବ୍ୟାଟର ସାଇସୁଦର୍ଶନ ଏବଂ ଅଧିନାୟକ ଶୁବମନ ଗିଲ୍ ବିସ୍ଫୋରକ ବ୍ୟାଟିଂ କରିଥିଲେ । ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୧୦୦ ରନ୍‌ର ଭାଗିଦାରୀ କରିଥିଲେ । ଏଥିରୁ ଗିଲ୍ ୩୨ ରନ୍ ବ୍ୟକ୍ତିଗତ ଭାବେ ସ୍କୋର ବେଙ୍ଗାଲୁରୁ ୱିକେଟ ପାଇବାକୁ ବିକଳ ହେଉଥିଲା ବେଳେ କରିଥିଲେ । ସେ ୨୪ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ । ବେଙ୍ଗାଲୁରୁ ଦ୍ୱିତୀୟ ୱିକେଟ୍ ଭାବେ ସାଇ ସୁଦର୍ଶନଙ୍କୁ ଆଉଟ୍‌କରିଥିଲା । ମାତ୍ର ସୁଦର୍ଶନ ଆଉଟ୍ ହେବା ପୂର୍ବରୁ ଶତକ (୧୦୦ ରନ୍) ହାସଲ କରିଥିଲେ । ସେ ୫୮ଟି ବଲ୍ ସାମ୍ନା କରି ୧୧ଟି ଚୌକା ଏବଂ ୫ଟି ଛକା ମାରିଥିଲେ । ଜୋସ ହେଜଲଉଡ୍‌ଙ୍କୁ ବେଙ୍ଗାଲୁରୁ ତୃତୀୟ ୱିକେଟ୍ ଭାବେ ଆଉଟ୍ କରିଥିଲା । ହେଜଲଉଡ ୧୬ଟି ବଲ୍ ଖେଳି ୨ଟି ଚୌ?କା ଏବଂ ଗୋଟିଏ ଛକା ବଳରେ ୨୫ ରନ୍ ସଂଗ୍ରହ କରିଥିଲେ ।

# ୨୦୩୮ ଏସିଆନ ଗେମ୍ସ ଆୟୋଜନ ନେଇ ଆଗ୍ରହ ପ୍ରକାଶ କଲା ଭାରତ

ନୂଆଦିଲ୍ଲୀ: ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ଓ ୨୦୩୬ ଅଲିମ୍ପିକ୍ସ ପରେ ଏବେ ଭାରତ ୨୦୩୮ ଏସିଆନ ଗେମ୍ସ ଆୟୋଜନ କରିବା ପାଇଁ ଆଗ୍ରହ ପ୍ରକାଶ କରିଛି । ଚୀନରେ ଆୟୋଜିତ ଅଲିମ୍ପିକ୍ସ କାଉନ୍ସିଲ ଅଫ ଏସିଆର ଏକଜିକ୍ୟୁଟିଭ ବୋର୍ଡ ବୈଠକରେ ଭାରତକୁ ଆୟୋଜନ ଅଧିକାର ପ୍ରଦାନ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା । ଭାରତର ପ୍ରସ୍ତୁତିକୁ ଅନୁଧ୍ୟାନ କରିବା ପାଇଁ ଏକ ଟିମ ଆସିବ । ଏହା ପରେ ଚୂଡାନ୍ତ ନିଷ୍ପତି ନିଆଯିବ । ୨୦୩୮ ଏସିଆନ ଗେମ୍ସ ଆୟୋଜନ କରିବା ପାଇଁ ଦକ୍ଷିଣ କୋରିଆ ଓ ମଙ୍ଗୋଲିଆ ମଧ୍ୟ ଆଗ୍ରହ ପ୍ରକାଶ କରିଛନ୍ତି । ଭାରତ ସରକାର ଅହମ୍ମଦାବାଦରେ ଏକ କ୍ରୀଡା ହବ କରିବା ପାଇଁ ଯୋଜନା ପ୍ରସ୍ତୁତି କରିଛନ୍ତି । ନରେନ୍ଦ୍ର ମୋଦି ଷ୍ଟାଡିୟମ ନିକଟରେ ସରଦାର ବଲ୍ଲଭଭାଇ ପଟେଲ ସ୍ପୋର୍ଟ୍ସ ଏନକ୍ଲେଭ ୩୫୫ ଏକର ସ୍ଥାନରେ ପ୍ରସ୍ତୁତ କରାଯାଉଛି । ଏଠାରେ ବିଶେଷ ଭାବେ ଆକ୍ୱାଟିକ୍ସ ସେଂଟର, ଟେନିସ ଓ ଇଣ୍ଡୋର ଏରିନା ପ୍ରସ୍ତୁତ ହେବ । ଗାନ୍ଧୀନଗରରେ ୧୪୩ ଏକରରେ ଆଥଲେଟିକ୍ସ ଷ୍ଟାଡିୟମ, ଶୁଟିଂ କମ୍ପେକ୍ଲସ ଓ ଅନ୍ୟ ଭେନ୍ୟୁ ପ୍ରସ୍ତୁତ କରାଯିବ । ୧୯୫୧ରେ ଭାରତରେ ପ୍ରଥମ ଥର ପାଇଁ ଏସିଆନ ଗେମ୍ସ ଆୟୋଜିତ ହୋଇଥିଲା । ଏହା ପରେ ୧୯୮୨ରେ ପୂନର୍ବାର ଆୟୋଜିତ ହୋଇଥିଲା । ଦୀର୍ଘ ୫୬ ବର୍ଷ ପରେ ଭାରତରେ ଆଉ ଥରେ ଏସିଆନ ଗେମ୍ସ ଆୟୋଜିତ ହେବ ।





Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**